

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 DECEMBER 2021

Vol.No. 32 ■ No. 306 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜ୍ୟସଭାରୁ ୧୨ ସଦସ୍ୟଙ୍କୁ ନିଲମ୍ବନ ପ୍ରତିବାଦରେ ବିରୋଧୀଙ୍କ କକ୍ଷତ୍ୟାଗ



ନୂଆଦିଲ୍ଲୀ,୩୦/୧୧: ସ୍ୱାଭାବିକ ହୋଇପାରୁନି ସଂସଦର ଶୀତ ଅଧିବେଶନ । ଆଜି ଦ୍ୱିତୀୟ ଦିନରେ ବି ଜାରି ରହିଛି ବିରୋଧୀଙ୍କ ହଙ୍ଗାମା । ରାଜ୍ୟସଭାରୁ ୧୨ ସଦସ୍ୟଙ୍କ ନିଲମ୍ବନ ପ୍ରତିବାଦରେ ଗର୍ଜିଛନ୍ତି ବିରୋଧୀ । ବେଆଇନ ଭାବେ ୧୨ ଜଣ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିବା ଅଭିଯୋଗ କରି ସେମାନଙ୍କ ନିଲମ୍ବନ ପ୍ରତ୍ୟାହର କରିବାକୁ ଅନୁରୋଧ କରିଥିଲେ ରାଜ୍ୟସଭାରେ କଂଗ୍ରେସ ସଂସଦୀୟ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ । ହେଲେ ଦାବିକୁ ଗ୍ରହଣ କରିନାହାନ୍ତି ରାଜ୍ୟସଭା ଅଧକ୍ଷ ଭେଙ୍କେୟା ନାଇଡୁ । କଂଗ୍ରେସର ସର୍ବାଧିକ ୬, ତୃଣମୂଳ କଂଗ୍ରେସ ଓ ଶିବସେନାର ୨ ଜଣ ଲେଖାଏଁ ସଦସ୍ୟଙ୍କୁ ନିଲମ୍ବିତ କରିଛନ୍ତି ରାଜ୍ୟସଭା ଅଧକ୍ଷ । ସେହିପରି ସିପିଆଇ ଓ ସିପିଏମର ଜଣେ ଲେଖାଏଁ ସଦସ୍ୟଙ୍କୁ ରାଜ୍ୟସଭାରୁ ନିଲମ୍ବିତ କରାଯାଇଛି । ଗତ ଅଗଷ୍ଟ ମାସରେ ମୌସୁମୀ ଅଧିବେଶନରେ ଗୃହର ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଏମାନେ ନିଲମ୍ବିତ ହୋଇଛନ୍ତି । ଲଗାତର ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଓ ହିଂସାତ୍ମକ ଆଚରଣ କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ନେତାମାନଙ୍କୁ ଶୀତ ଅଧିବେଶନର ସମସ୍ତ କାର୍ଯ୍ୟ ଦିବସରୁ ନିଲମ୍ବିତ କରାଯାଇଛି । ସମାନ ପ୍ରସଙ୍ଗରେ ଲୋକସଭାରେ ମଧ ହଙ୍ଗାମା କରିଛନ୍ତି ବିରୋଧୀ । ଆଜି ଦରଦାମ ବୃଦ୍ଧି ପ୍ରସଙ୍ଗରେ ମୂଲତବୀ ଆଲୋଚନା ପାଇଁ ନୋଟିସ ଦେଇଥିଲେ ଲୋକସଭାରେ କଂଗ୍ରେସ ସଂସଦୀୟ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ । ହେଲେ ଗୃହକାର୍ଯ୍ୟ ଆରମ୍ଭ ହେବାକ୍ଷଣି ଗତକାଲି ରାଜ୍ୟସଭାରୁ ନିଲମ୍ବିତ ହୋଇଥିବା ୧୨ ସଦସ୍ୟଙ୍କ ପ୍ରସଙ୍ଗରେ ହଙ୍ଗାମା କରିଥିଲେ । ଅସାମ୍ବିଧାନିକ ଭାବେ ପୂର୍ବ ଅଧିବେଶନର ଗଣ୍ଡଗୋଳ ପାଇଁ ବର୍ତମାନ ଅଧିବେଶନରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅଭିଯୋଗ କରିଥିଲେ । ହେଲେ ଲୋକସଭା ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କ ଅଭିଯୋଗକୁ ନଶୁଣିବାରୁ ▶▶ପୃଷ୍ଠା ୭

## ଆସୁଛି ବାତ୍ୟା : ୪ ରେ ସ୍ଥଳ ଭାଗ ଛୁଇଁବ !



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡିଶାକୁ ଆସୁଛି ବାତ୍ୟା । ବାତ୍ୟା ଡିସେମ୍ବର ୪ ତାରିଖ (ଶନିବାର) ସକାଳେ ବାତ୍ୟା ଦକ୍ଷିଣ ଓଡ଼ିଶା ଓ ଉତର ଆନ୍ଧ୍ର ମଧରେ ସ୍ଥଳଭାଗ ଛୁଇଁବ । ଏହା ପ୍ରଭାବରେ ୩ ତାରିଖ ରାତିରୁ ବର୍ଷା ଆରମ୍ଭ ହୋଇଯିବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ବାତ୍ୟାର ପ୍ରଭାବ ଉପକୂଳ ଓଡ଼ିଶାରେ ଅଧିକ ରହିବ । ପ୍ରଥମେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ । କାଳକ୍ରମେ ଉତର ଉପକୂଳରେ ବର୍ଷାର ପରିମାଣ ବଢ଼ିବ । ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ । ୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୫ ତାରିଖରେ କିଛି ଜାଗାରେ ପ୍ରବଳ ବର୍ଷା ହୋଇପାରେ । ଆଇଏମ୍‌ଡି ଡିଜି କହିଛନ୍ତି, ଆଜି ପୂର୍ବାହ୍ନରେ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା କାଳକ୍ରମେ ପଶ୍ଚିମ-ଉତର ପଶ୍ଚିମ ଗତିକରି ୨ ତାରିଖରରେ ଡିପ୍ରେସନ ପରିଣତ ହେବ । ୩ ତାରିଖ ରାତିରୁ ଓଡ଼ିଶା ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ । ୩ ତାରିଖ ମଧ୍ୟରାତ୍ରରୁ ପବନର ବେଗ ବଢ଼ିବ । ଘଂଟା ପ୍ରତି ୪୫ରୁ ୫୦ କିମି ବେଗରେ ପବନ ହୋଇପାରେ । ୪ ତାରିଖ ସକାଳେ ଦକ୍ଷିଣ ଓଡ଼ିଶା-ଉତର ଆନ୍ଧ୍ର ଉପକୂଳରେ ପହଂଚିବ । ତେବେ ଉପକୂଳରେ ପହଂଚିଲେ ବି ଏହା ତୁରନ୍ତ ସ୍ଥଳଭାଗ ଛୁଇଁ ନପାରେ । ଉପକୂଳ ଛୁଇଁବା ପରେ ବାତ୍ୟା ଉତର-ଉତରପୂର୍ବ ଦିଗକୁ ଗତି କରିବ । ଏହି ବାତ୍ୟା ସର୍ବାଧିକ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇପାରେ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି । ତା'ସହିତ ସମୁଦ୍ର ମଧକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଡିସେମ୍ବର ୨ ତାରିଖ ସୁଦ୍ଧା ଫେରି ଆସିବାକୁ ସେ ପରାମର୍ଶ ଦେଇଛନ୍ତି ।

## ସମ୍ଭାବ୍ୟ ବାତ୍ୟା ନେଇ ସତର୍କ ରହିବାକୁ ଜିଲ୍ଲାପାଳ ମାନଙ୍କୁ ଏସଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) । ତଳିଆ ଅଂଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ପାହାଡିଆ ଅଂଚଳରେ ଭୂସ୍ଖଳନ ସମ୍ଭାବନା ଥିବାରୁ ଏହା ଉପରେ ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଅହୋରାତ୍ର କଂଟ୍ରୋଲ ରୁମ୍ ଚାଲୁ କରିବାକୁ ମଧ ଏସଆରସି ନିର୍ଦ୍ଦେଶ ଦେଇଛନ୍ତି । ମତ୍ସ୍ୟଜୀବୀଙ୍କୁ ଦିଆଯାଇଥିବା ପରାମର୍ଶ କଡ଼ାକଡ଼ି ପାଳନ ନିର୍ଦ୍ଦେଶ ଦେଲେ ଏସ୍ଆରସି । ପରିପକ୍ୱ ଧାନ ଫସଲର ସମ୍ପୂର୍ଣ୍ଣ ଅମଳ କରି ନିଆଯିବା ସହିତ ଅମଳ ହୋଇଥିବା ଧାନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ଏସ୍ଆରସିଙ୍କ କହିବା ଅନୁସାରେ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ କହିଛି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ୩ ତାରିଖରେ ଗଜପତି, ଗଂଜାମ, ପୁରୀ ଓ ଜଗତସିଂହପୁରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୪ ତାରିଖରେ ୧୧ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଗଜପତି, ଗଂଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଗଂଜାମ, ପୁରୀ ଓ ଜଗତସିଂହପୁରର କେତେକ ଜାଗାରେ ଅତି ପ୍ରବଳ ବର୍ଷିପାରେ । ୫ ତାରିଖରେ ମଧ ୯ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛନ୍ତି ଏସ୍ଆରସି । ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, କଟକ , କେନ୍ଦୁଝର, ଢେଙ୍କାନାଳ ଓ ମୟୂରଭଂଜ ।

## ସମ୍ବାଦପତ୍ର ହକର୍‌ଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

### ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା, କାମ କରିବା ପାଇଁ ୱାର୍କସେଡ୍



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ସୂଚନା ଓ ସମ୍ବାଦ ପ୍ରସାରଣରେ ହକର ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖରା, ବର୍ଷା, ଶୀତ ସବୁ ସମୟରେ ସୂର୍ଯ୍ୟୋଦୟ ପୂର୍ବରୁ ସେମାନଙ୍କର ଆରମ୍ଭ ହୋଇଥାଏ କର୍ମମୟ ଜୀବନ । ଜନସାଧାରଣଙ୍କୁ ଖବର ସହ ଯୋଡିବାରେ ତାଙ୍କର ଭୂମିକା ଓ ସଂଘର୍ଷକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମ୍ବାଦପତ୍ର ହକର୍ ମାନଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି । ଏହି ଯୋଜନା ଅନୁଯାୟୀ ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକୃତ ହୋଇଥିବା ସମ୍ବାଦପତ୍ର ହକର୍ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବ । ଏହି ଯୋଜନା ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ । ସେହିପରି ଦୁର୍ଘଟଣା ଯୋଗୁ ସଂପୂର୍ଣ୍ଣ ଅକ୍ଷମ ହୋଇଥିବା ହକର୍ ମାନଙ୍କୁ ଦେଢ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୮୦ ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪୦ ହଜାର ଟଙ୍କା ସହାୟତା ଦିଆଯିବ । କୋଭିଡ ଯୋଗୁ ସେମାନେ ସମ୍ମୁଖୀନ ହୋଇଥିବା ଆର୍ଥିକ ଦୁଃସ୍ଥିତିକୁ ଦୃଷ୍ଟିରେ ରଖି ସବୁ ପଞ୍ଜୀକୃତ ଖବର କାଗଜ ହକର୍ ମାନଙ୍କୁ ଦୁଇଟି ପର୍ଯ୍ୟାୟରେ ୩୦୦୦ ଟଙ୍କା ଲେଖାଏ ସ୍ୱତନ୍ତ୍ର ସହାୟତା ଦେବା ପାଇଁ ନିଷ୍ପତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ । କାମ କରିବା ପାଇଁ ବହୁତ ସମୟରେ ▶▶ପୃଷ୍ଠା ୭

## ମମିତା ମେହେର ହତ୍ୟା ମାମଲା : ତଦନ୍ତ ତଦାରଖ କରିବେ ଅବସରପ୍ରାପ୍ତ ଜିଲ୍ଲା ଜଜ୍



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ତଦନ୍ତର ତଦାରଖ କରିବେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଏବିଏସ୍ ନାଇଡୁ । ଓଡ଼ିଶା ହାଇକୋର୍ଟ ଏହି ମାମଲାର ତଦନ୍ତର ତଦାରଖ କରିବା ପାଇଁ ଶ୍ରୀ ନାଇଡୁଙ୍କୁ ମନୋନୀତ କରିଛନ୍ତି । ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ବରଖାସ୍ତ ସହ ଘଟଣାର ତଦନ୍ତ ସିବିଆଇ ଅବା ହାଇକୋର୍ଟଙ୍କ ଦ୍ୱାରା ଗଠିତ ଏସଆଇଟି ଦ୍ୱାରା କରିବା ପାଇଁ ବିରୋଧୀ ଦଳ ଦାବି କରି ଆସୁଛି । କିନ୍ତୁ ବିଧାନସଭା ଶୀତକାଳୀନ ଅଧିବେଶନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମମିତା ହତ୍ୟା ମାମଲାର ତଦନ୍ତର ତଦାରଖ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତି ଅବା ରିଟାର୍ଡ ବିଚାରପତି କିମ୍ବା ଜିଲ୍ଲା ଓ ସେସନ ଜଜଙ୍କ ଦ୍ୱାରା କରିବା ନିମନ୍ତେ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ଅନୁରୋଧ ଆଧାରରେ ରିଟାର୍ଡ ଜିଲ୍ଲା ଜଜ୍ ଏବିଏସ ନାଇଡୁଙ୍କୁ ତଦନ୍ତର ତଦାରଖ କରିବା ନିମନ୍ତେ ହାଇକୋର୍ଟ ମନୋନୀତ କରିଛନ୍ତି । ମମିତା ହତ୍ୟା ଭଳି ସମ୍ବେଦନଶୀଳ ମାମଲାର ତଦନ୍ତରେ ସ୍ୱଚ୍ଛତା ପାଇଁ ସରକାର ଏଭଳି ପଦକ୍ଷେପ ନେଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନାରେ ଉଲ୍ଲେଖ ରହିଛି ।

## ଡିସେମ୍ବର ପାଇଁ ଆସିଲା କୋଭିଡ୍ ଗାଇଡ୍ ଲାଇନ୍

### ଜିରୋ ନାଇଟ୍ ସେଲିବ୍ରେସନ୍ ଉପରେ ରୋକ୍, ଡିସେମ୍ବର ୩୧, ଜାନୁଆରୀ ୧ ରେ ପିକନିକ୍ ମନା



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଗତବର୍ଷ ଭଳି ଏଥର ମଧ୍ୟ ଫିକା ପଡିବ ଇଂରାଜୀ ନୂଆବର୍ଷ ପାଳନ । ନୂଆ ବର୍ଷରେ କୌଣସି ସ୍ଥାନରେ ଜିରୋ ନାଇଟ୍ ସେଲିବ୍ରେସନ୍ ହୋଇପାରିବ ନାହିଁ । ହୋଟେଲ, ରେଷ୍ଟୁରାଂଟ, ପାର୍କରେ ମଧରାତ୍ରୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଆୟୋଜନ ହୋଇପାରିବ ନାହିଁ । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଡିସେମ୍ବର ମାସ ପାଇଁ ଗାଇଡଲାଇନ ଜାରି କରି ଏହି ସୂଚନା ଦେଇଛନ୍ତି । ଏସଆରସିଙ୍କ ଗାଇଡ୍ ଲାଇନ୍ ରେ କୁହାଯାଇଛି ଯେ ନୂଆବର୍ଷକୁ ସ୍ୱାଗତ କରିବାକୁ କୌଣସି କାର୍ଯ୍ୟକ୍ରମର ଆୟୋଜନ ହୋଇପାରିବ ନାହିଁ । ଏହାସହ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖରେ ପିକନିକ୍ କରିବାକୁ ମଧ ସରକାର ବାରଣ କରିଛନ୍ତି । ହୋଟେଲ, ରେଷ୍ଟୁରାଂଟ, ପାର୍କରେ ଏକାଠି ହେବା ମନା ହୋଇଛି । ଡିସେମ୍ବର ୧ରୁ ୧ ଜାନୁଆରୀ୨୦୨୨ ପର୍ଯ୍ୟନ୍ତ କଟକଣା ଲାଗୁ ରହିବ । ରାତି ୧୦ରୁ ସକାଳ ୫ ଯାଏଁ ସହରାଂଚଳ ନାଇଟ କର୍ଫ୍ୟୁ ବଳବତର ରହିବ । ରାଜ୍ୟର କୌଣସି ▶▶ପୃଷ୍ଠା ୭

## ଓମିକ୍ରନ୍ ଭାରତରେ ଏଯାଏଁ ଚିହ୍ନଟ ହୋଇନି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓମିକ୍ରନ୍ ଉପରେ ଆନ୍ତର୍ଜାତିକ ସଂଗଠନ, ବିଶେଷଜ୍ଞ ଟିମ ପରୀକ୍ଷାନିରୀକ୍ଷା ଜାରି ରଖିଛନ୍ତି । ଡ଼େଲ୍ଟା ଭାଇରସ ଯେତେବେଳେ ଆସିଥିଲା, ଏମିତି ଚର୍ଚ୍ଚା ହେଉଥିଲା । ସେହିଭଳି ଏବେ ଓମିକ୍ରନ୍ ମଧ ନୂଆ ଭାରିଆଂଟ ହୋଇ ଆସିଛି । ହେଲେ ଏଯାଏଁ ଭାରତରେ ଏହା ଚିହ୍ନଟ ହୋଇନାହିଁ । ଅଲଗା ଦେଶରୁ ଆସୁଥିବା ଲୋକଙ୍କୁ ଆନ୍ତର୍ଜାତିକ କ୍ୱାରେଂଟିନ ଗାଇଡଲାଇନ ଅନୁସାରେ ଆମ ସରକାର ମଧ ମାର୍ଗଦର୍ଶିକା ଜାରି କରିଛନ୍ତି । ଯେଉଁମାନେ ବିଦେଶରୁ ଆସିବେ, ବିମାନ ବନ୍ଦରରେ ସେମାନଙ୍କର ଟେଷ୍ଟ କରାଯାଉଛି । ସେମାନଙ୍କ ଉପରେ କଡ଼ା ନଜର ରଖାଯାଉଛି । ଯଦି କାହାର ପଜିଟିଭ ଆସିଲା, ସେହି ତଥ୍ୟ ସବୁ ରାଜ୍ୟକୁ ପଠାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି । ଏ ଭୂତାଣୁର ବାସ୍ତବ ସଂଖ୍ୟା କଣ ତାକୁ ଟେକ୍ନିକାଲ କମିଟି ଯାଂଚ କରୁଛି । ବର୍ତମାନ ସୁଦ୍ଧା ଆମ ପାଖରେ ଏହା ଗୁରୁତର ବୋଲି କୌଣସି ତଥ୍ୟ ନାହିଁ । ଏହାର ଲକ୍ଷଣ କିଛି ଅଲଗା ବୋଲି ମଧ ତଥ୍ୟ ନାହିଁ । ଟିକା କାମ ଦେବନି ବୋଲି ମଧ କିଛି ତଥ୍ୟ ନାହିଁ । ଓମିକ୍ରନ ଉପରେ ରାଜ୍ୟରେ ଏବେ ରାଣ୍ଡମ ସିକ୍ୱେନ୍ସି ଚାଲିଛି । ଯଦି ବିଦେଶରୁ ଆସିଥିବା କୌଣସି ବ୍ୟକ୍ତିଙ୍କ ପଜିଟିଭ ଆସେ, ସେମାନଙ୍କର ଜିନମ ସିକ୍ୱେନ୍ସିଂ ନିଶ୍ଚୟ କରାଯିବ । ଏବେ ବିଦେଶରୁ ଆସିଥିବା ଲୋକଙ୍କ ଜିନମ ସିକ୍ୱେନ୍ସିଂ କରାଯାଉଛି । କରୋନାକୁ ପ୍ରତିହତ କରିବା ଲାଗି ଟିକାକରଣ ହିଁ ମୁଖ୍ୟ ଅସ୍ତ୍ର । ଯେଉଁମାନେ ଟିକା ନେଇନାହାନ୍ତି, ଶୀଘ୍ର ଟୀକା ନିଅନ୍ତୁ । ନୀତି ଆୟୋଗଙ୍କ ତରଫରୁ ମଧ କୁହାଯାଇଛି, କରୋନାର ମୁଖ୍ୟ ଢାଲ ହେଉଛି ମାସ୍କ । ଏହା ସହ ଲକ୍ଷଣ ଦେଖାଗଲେ, ଟେଷ୍ଟିଂ କରାଇବା । ଯଦି ରାଜ୍ୟରେ ଓମିକ୍ରନ୍ ପଜିଟିଭ ବାହାରିବ, ଟେଷ୍ଟିଂ, ଟ୍ରାକିଂ କରିବା ସ୍ୱାସ୍ଥ୍ୟ ବିଭାଗର କାମ, ବିଭାଗ କରିବ ବୋଲି ସେ କହିଛନ୍ତି ।

## ଆଜିଠୁ ବିଧାନସଭା ବିଧାନସଭାରେ ଶୀତକାଳୀନ ଅଧିବେଶନ



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଆସନ୍ତାକାଲି (ବୁଧବାର)ଠାରୁ ବିଧାନସଭାରେ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ । ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟ ଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଆସନ୍ତାକାଲି ଅପରାହ୍ନ ୫ଟା ସମୟରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଗତ ହେବ । ଅପରପକ୍ଷରେ ରାଜ୍ୟପାଳଙ୍କ ଅଭିଭାଷଣ ଏବଂ ପ୍ରଶ୍ନକାଳ ସମୟରେ ହଟ୍ଟଗୋଳ ନ କରିବା ପାଇଁ ସଭ୍ୟମାନଙ୍କୁ କୁହାଯାଇଛି । ନ ମାନିଲେ ଆଇନ ଅନୁଯାୟୀ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଚାଲିବାକୁ ଥିବା ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ , ସେମାନଙ୍କ କର୍ମଚାରୀ , ବିଧାନସଭା କର୍ମଚାରୀ ଓ ସାମ୍ବାଦିକ ମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଛି । ସେହିପରି ସୁରକ୍ଷା ଦୃଷ୍ଟିରୁ ବିଧାନସଭା ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଅଧିବେଶନ ପୂର୍ବରୁ ମଙ୍ଗଳବାର ୩ ପ୍ରମୁଖ ଦଳର ବିଧାୟକ ଦଳ ▶▶ପୃଷ୍ଠା ୭

## ବିଜେପି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରାଜ୍ୟର ସାଂପ୍ରତିକ ପରିସ୍ଥିତି ସମେତ କିଛି ମୁଖ୍ୟ ପ୍ରସଙ୍ଗକୁ ନେଇ ବିଜେପି ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଥିବା ବିଧାନସଭା ଶୀତକାଳିନ ଅଧିବେସନରେ ଆଲୋଚନା କରିବ । ଚଳିତ ବିଧାନସଭା ଅଧିବେସନରେ ବିଜେପି ରାଜ୍ୟର ବିଭିନ୍ନ ସମସ୍ୟା ଉଠାଇବା ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ । ବିଶେଷ ଭାବେ ରାଜ୍ୟରେ ବହୁ ଚର୍ଚ୍ଚିତ ମମିତା ମେହେର ▶▶ପୃଷ୍ଠା ୭

## କୋଟିପତି କନଷ୍ଟେବଲ : ୪ କୋଠା ଓ ୯ଟି ଫ୍ଲାଟର ମାଲିକ



ବ୍ରହ୍ମପୁର, ୩୦/୧୧ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗର ବ୍ରହ୍ମପୁରର ପୁଲିସ କନଷ୍ଟେବଲ ସୁଦର୍ଶନ ପ୍ରଧାନଙ୍କ ଘରେ ସୋମବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ତାଙ୍କ ନିକଟରୁ ୨ କୋଟି ୧୬ ଲକ୍ଷ ଟଙ୍କାର ସଂପତ୍ତି ଠାବ କରାଯାଇଛି । ସୁଦର୍ଶନଙ୍କର ବ୍ରହ୍ମପୁର ସ୍ଥିତ ଲୋଚାପଡ଼ାରେ ଗୋଟିଏ ତିନି ମହଲା ଘର, ନିମଖଣ୍ଡିଠାରେ ୩ଟି ନବନିର୍ମିତ କୋଠା ଓ ଲୋଚାପଡ଼ାରେ ୯ଟି ଫ୍ଲାଟ୍ ରହିଛି । ଏଥିସହ ତାଙ୍କ ଘରୁ ନଗଦ ୫ ଲକ୍ଷ ୧୬ ହଜାର ଟଙ୍କା ଜବତ କରାଯାଇଛି । ସୁଦର୍ଶନଙ୍କ ଲୋଚାପଡ଼ା ଓ ନିମଖଣ୍ଡି ସ୍ଥିତ ଘର ସହିତ ଭଞ୍ଜନଗରର ସ୍ଥିତ ତାଙ୍କ ପୈତୃକ ଘରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା । ବହୁ ଦିନରୁ ସୁଦର୍ଶନ ▶▶ପୃଷ୍ଠା ୭

# ମୁକ୍ତ ବିଚାର ମଂଚର ଆଲୋଚନାଚକ୍ର

ନୂଆପଡା,୩୦/୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ମୁକ୍ତ ବିଚାର ମଂଚର ୩୨ତମ ଆଲୋଚନାଚକ୍ର ସ୍ଥାନୀୟ କଲ୍ୟାଣ ମଣ୍ଡପ-୧ ଠାରେ ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । 'କୃଷି ଆଇନ ପ୍ରତ୍ୟାହାର ଏକ ଅନୁଚିତ ପଦକ୍ଷେପ ' ଶୀର୍ଷକ ଉପରେ ଆଧାରିତ ଏହି ସମାରୋହରେ ବରେଣ୍ୟ ଆଲୋଚକ ଭାବରେ ଇନ୍ଦ୍ରମଣି ପାଣିଗ୍ରାହୀ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୋଡ଼ନେ, ସନ୍ତୋଷ କୁମାର ମେହେର ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର କୋମନା, ଆଇନଜୀବୀ ପ୍ରତାପ ଜଗତ ଓ ଅଧ୍ୟାପକ ବୈଶମ୍ପାୟନ ସୁନାନୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଖଡ଼ିଆଳ ପ୍ରମୁଖ ଯଥାକ୍ରମେ ସଦୟ ଯୋଗଦାନ ପୂର୍ବକ ଶୀର୍ଷକର ସପକ୍ଷ ଓ ବିପକ୍ଷ ଉପରେ ଆଲୋଚନା କରିଥିଲେ । ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ. ଫଣିନ୍ଦମ ଦେଓ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଏହି ଅବସରରେ ମୁମ୍ବାଇ ସ୍ଥିତ ପଶ୍ଚିମ ଓଡିଶା ପରିବାର ତରଫରୁ ମାସ୍କ ବଣ୍ଟନ କରାଯାଇଥିଲା । ଏହା ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲୋଚନା ଚକ୍ରରେ ବରିଷ୍ଠ ସଦସ୍ୟ ଶଶିକାନ୍ତ ଖମାରୀ, ପ୍ରାଧାପକ ଲୋହିତାକ୍ଷ ଯୋଷୀ, ଡଃ. ସୁଶାନ୍ତ କୁମାର ବିଶି, ସନାତନ ମହାନ୍ତି, ନୀଳଲୋହିତ ସିଂହ ଦେବ, ବିନୋଦ ବିହାରୀ ପାଢୀ, ଗୌରାଙ୍ଗ କୁମାର ସାହୁ, ନନ୍ଦ କିଶୋର ପ୍ରଧାନୀ, ଅଧାପକ ଆଲୋକ କୁମାର ରଥ, ଆଇନଜୀବୀ ପବିତ୍ର ମୋହନ ପ୍ରଧାନ, ସୁରେଶ କୁମାର ତିୱରୀ , କିଶୋର ବାଗ, ରାମଚନ୍ଦ୍ର ବେହେରା, ଶିରିଶଙ୍କର ବାରିକ, ସତିଶ ଚନ୍ଦ୍ର ପଟ୍ଟନାୟକ, ନବୀନ କିଶୋର ପାଢୀ, ରାଜୀବ କୁମାର ପାଣ୍ଡେ, କାର୍ତିକ ବାଗ, ମହେନ୍ଦ୍ର କୁମାର ଜଗତ,ଭାନୁ ସୁନାନୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କିଶୋର ଚନ୍ଦ୍ର ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ୮ଦଫା ଦାବି ପୂରଣ ପାଇଁ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘର ବିକ୍ଷୋଭ

କେନ୍ଦ୍ରାପଡ଼ା,୩୦/୧୧ (ନି.ପ୍ର): ପାନୀୟ ଜଳ ଯୋଗାଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଥିବା ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘର ସଦସ୍ୟ ମାନେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜିଲ୍ଲାର ଗ୍ରାମାଂଚଳରେ ଦୀର୍ଘ ବର୍ଷ ହେଲା ଏହି କର୍ମଚାରୀ ମାନେ ମାସିକ ମାତ୍ର ୨ ହଜାର ଟଙ୍କା ଅନୁଦାନ ପଂଚାୟତ କାର୍ଯ୍ୟାଳୟରୁ ପାଉଥିବା ବେଳେ ତାହା ସରପଂଚଙ୍କ ମର୍ଜି ଉପରେ ନିର୍ଭର କରୁଛି । ସେମାନଙ୍କୁ ମାସିକ ବେତନ ପ୍ରଦାନ ନକରି ସରପଂଚ ମାନେ ମନଇଛା ୨-୪ ମାସରେ ବେତନ ପ୍ରଦାନ କରୁଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି । ୬୫ ଦିନ ହେଲା ଏହି କର୍ମଚାରୀ ମାନେ ୮ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବିକରି ରାଜଧାନୀରେ ଆନ୍ଦୋଳନ କରି ଆସୁଥିବା ବେଳେ ସରକର ଏମାନଙ୍କ ନାର୍ଯ୍ୟ ଦାବିପ୍ରତି ଅବହେଳା ପ୍ରଦର୍ଶନ କରି ଚାଲିଛନ୍ତି । ସମାନ କାମକୁ ସମାନ ଦରମା, ପଂଚାୟତକୁ ବାଦ ଦେଇ ବ୍ଲକରୁ ଦରମା ପାଇବା, ନୂତନ ପାନୀଜ ଜଳ ପ୍ରକଳ୍ପରେ ନିଯୁକ୍ତି ଦେବା, ବିନା ଛୁଟିରେ ବର୍ଷକ ୩୬୫ ଦିନ ଦିନକୁ ୬୪.୬୬ ପଇସା ହିସାବରେ ମଜୁରୀ ପାଉଥିବା ଏହି କର୍ମଚାରୀ ମାନେ ଆଜିର ମହଙ୍ଗା ଯୁଗରେ ଆର୍ଥିକ ଶୋଷଣର ଶୀକାର ହେଉଥିବା ଅଭିଯୋଗ କରିଛନ୍ତି । ଏମାନଙ୍କର ନାର୍ଯ୍ୟଦାବି ପୂରଣ ହେବା ପର୍ଯ୍ୟନ୍ତ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମାନେ ଆନ୍ଦୋଳନ ଅବ୍ୟାହତ ରଖିବେ ବୋଲି ଚେତାବନୀ ଦେଇଛନ୍ତି । କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ସଭାପତି ନୟନ କିଶୋର ମଲିକ, ଜିଲ୍ଲା ସଂପାଦକ ସନାତନ ମଲିକଙ୍କ ସମେତ ବହୁ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାରେ ୪୭୦ଜଣ ଏନ୍‌ଇଏମ୍ କର୍ମଚାରୀ ଓ ପମ୍ପ ଡ୍ରାଇଭର ମାନେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ବିକ୍ଷୋଭ ସ୍ଥଳକୁ ଆସି କର୍ମଚାରୀ ମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ ।

# ଚିରସ୍ମରଣୀୟ ହୋଇ ରହିବେ ସମାଜ ସଂସ୍କାରିକା ରାଧାମଣୀ

ପୁରୀ,୩୦/୧୧ (ନି.ପ୍ର): ମର୍ତ୍ୟମଣ୍ଡଳେ ଦେହବହି ଦେବତା ହୋଇଲେ ମରଇ । ଦିନେ ଜନ୍ମ ଦିନେ ମରଣ ଏହା ଧ୍ରୁବ ସତ୍ୟ, କିନ୍ତୁ ସମାଜ ପାଇଁ କିଛି କର୍ତବ୍ୟ କରିଥିବାରୁ ଲୋକେ ତାଙ୍କୁ ମନେରଖନ୍ତି । ସେହିଭଳି ଜଣେ ସମାଜ ସଂସ୍କାରିକା ଥିଲେ ସ୍ୱର୍ଗତା ରାଧାମଣୀ ମିଶ୍ର । ରାଧାମଣୀଙ୍କ ଦଶାହ ତିଥିରେ ବିମାନବଡୁ ନିଯୋଗ ପରିସରରେ ଏକ ସ୍ମୃତି ସଭା ଓ ସ୍ମରଣୀକା ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି । କାର୍ତିକ ପୂର୍ଣ୍ଣମୀରେ ବିଶିଷ୍ଟ ସାମାଜ ସଂସ୍କାରିକା, ବରିଷ୍ଠ ଚିତ୍ରଶିଳ୍ପୀ, ମଠ ସଂସ୍କୃତି ସୁରକ୍ଷାର ଦିଗଦର୍ଶକୀକା ରାଧାମଣୀ ମିଶ୍ର ପୁରୀରେ ବେଶ୍ ପରିଚିତ ଥିଲେ । ସେ ପୁରୀର ଓ ଟିଭିର ସାମ୍ବାଦିକ ମଧୁସୂଦନ ମିଶ୍ରଙ୍କ ମା ଅଟନ୍ତି । ରାଧାମଣୀଙ୍କ ସ୍ମୃତିରେ ତାଙ୍କ ସ୍ମରଣୀକା ଉନ୍ମୋଚିତ ହୋଇଥିଲା । ଏଥିରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସଂସ୍କୃତ ବିଦ୍ୱାନ ହରେକୃଷ୍ଣ ଶତପଥୀ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସେବାୟତ ଉଦୟଶଙ୍କର ପ୍ରତିହାରୀ, ବାବାଜି ଅଚ୍ୟୁତାନନ୍ଦ ଦାସ,ଶରତ ଜୟସିଂହ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି, ଅକ୍ଷୟ ସାହୁ, ପ୍ରଶାନ୍ତ ତ୍ରିପାଠୀ, ଚକ୍ରଧର ମହାପାତ୍ର, ରାଜେଶ ମିଶ୍ର, ସତ୍ୟନାରାୟଣ ମିଶ୍ର, ମନୋଜ ମିଶ୍ର, ରାଜେଶ ମହାନ୍ତି, ସୁଶାନ୍ତ ବିଶୋଇ, ଶ୍ୟାମପ୍ରକାଶ ସେନାପତି, ରଶ୍ମିରଞ୍ଜନ ମିଶ୍ର, ସୁଜାତା ମିଶ୍ର, ରେଣୁକା ମିଶ୍ର, କଳ୍ପନା ମିଶ୍ର, ଲୀଳାବତୀ ମିଶ୍ର, ବଦ୍ରି ମିଶ୍ର, ଭଗବାନ ମିଶ୍ର ପ୍ରମୁଖ ସ୍ମୃତି ସଭାରେ ଯୋଗଦେଇ ରାଧାମଣୀଙ୍କ ସ୍ମୃତି ଚାରଣ କରିଥିଲେ ।

# ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଇ ବାଇକ ଚାଳକ ମୃତ

ଭୁବନ,୩୦/୧୧ (ନି.ପ୍ର): ଆଜିସକାଳ ୮ ଘଟିକାସମୟରେଜଣେବାଇକ ଚାଳକ ଭାରସାମ୍ୟ ହରାଇ ଇଲେକ୍ଟ୍ରି ଖୁଣ୍ଟରେ ପିଟିହୋଇ ମୃତ୍ୟୁବରଣ କରିଛନ୍ତି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଗଁନ୍ଦିଆ ଥାନା ଯୋରନ୍ଧା ଫାଣ୍ଡି ଅନ୍ତର୍ଗତ ଚିରୁଳେଇ ଗ୍ରାମର ଅଲେଖ ସାହୁଙ୍କ ପୁଅ ଅନ୍ତର୍ଯ୍ୟାମୀ ସାହୁ (୪୫) ଆଜି ସକାଳେ ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ ଗ୍ରାମକୁ ଯାଇ ବାଇକରେ ଫେରୁଥିବା ବେଳେ କଣପାଳ ନିକଟସ୍ଥ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ନିଜର ଭାରସାମ୍ୟ ହରାଇ ଏକ ଇଲେକ୍ଟ୍ରି ଖୁଣ୍ଟରେ ପିଟିହୋଇ ଛିଟିକି ପଡିଥିଲେ । ଏ ସଂପର୍କରେ ଖବର ପାଇ ଅଗ୍ନିଶମ ସଂସ୍ଥା କର୍ମଚାରୀ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତି କରିଥିଲେ । ମୁଣ୍ଡରେ ଶକ୍ତ ଆଘାତ ଓ ପ୍ରଚୁର ରକ୍ତଶ୍ରାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତକ ଅନ୍ତର୍ଯ୍ୟାମୀ ଢେଙ୍କାନାଳ ସ୍ଥିତ ଇ-ଟେକନୋଲୋଜିରେ କାମ କରୁଥିଲେ ଓ ସେ ଆଡମିଶନ ପାଇଁ ଛାତ୍ରଛାତ୍ରୀ ଯୋଗାଡ କରିବାକୁ ଆସିଥିଲେ ବୋଲି ଜଣା ପଡିଛି ।

# ଚିତ୍ରକୋଣ୍ଡା ବ୍ଲକରେ ବହୁ ପଦବୀ ଖାଲି : ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ମାଲକାନଗିରି,୩୦/୧୧ (ନି.ପ୍ର): ଆନ୍ଧ୍ର - ଓଡିଶା ସୀମାନ୍ତ ଆଦିବାସୀ ବହୁଳ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକ ହେବାର ଚାରି ବର୍ଷ ବିତିଯାଇଥିଲେ ମଧ ଆଜିଯାଏ ଆବଶ୍ୟକ କର୍ମଚାରୀ ଓ ଅଧିକାରୀ ପଦବୀ ଖାଲି ପଡିଛି । ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ।

ଚିତ୍ରକୋଣ୍ଡା ବ୍ଲକ ଦ୍ୱାରା ପରିଚାଳିତ ଅଠର ଗୋଟି ଗ୍ରାମପଚାଂୟତ ଯଥା :- ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, କପାଟୁଟି, କୁରୁମାନୁର, ପାପୁଲୁର, ଟନେଲକ୍ୟାମ୍ପ, ଗୁଣ୍ଟାୱାଡ଼ା, ବଡ଼ପଦର, ବଡ଼ପଡ଼ା, ପାପରମେଟେଲା, ରାଲେଗାଡ଼ା, ଧୂଳିପୁଟ, ଯୋଡ଼ାମ୍ବ, ପଣଷପୁଟ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡି ପଚାଂୟତ । ଚିତ୍ରକୋଣ୍ଡା ବ୍ଲକରେ ୨୦୧୭ ମସିହାରେ ହୋଇ ପାରିନାହିଁ ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ । ଫଳରେ କେହି ନାହାନ୍ତି ଜିଲା ପରିଷଦ ସଦସ୍ୟ, ସରପଂଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷ, ୱାର୍ଡ଼ ମେମ୍ବର, ନାଏବ ସରପଂଚ ନଥିବା ବେଳେ ଅଠର ଗୋଟି ଗ୍ରାମ ପଚାଂୟତରେ ଚାଲିଛି ମାତ୍ର ତିନି ଜଣ କନିଷ୍ଠ ଯନ୍ତ୍ରୀ ଓ ଏଗାର ଜଣ ପିଇଓଙ୍କୁ ନେଇ । ଖାଲି ପଚାଂୟତ ସ୍ତରରେ ନୁହେଁ ଏହିଭଳି ଉପାନ୍ତ ଦୁର୍ଗମ ଅଂଚଳ ଭିତରେ କାର୍ଯ୍ୟ କରୁଥିବା ଏହି ବ୍ଲକରେ ବହୁ ପଦବୀ ଖାଲି ପଡ଼ିଥିବାର ଜଣାପଡିଛି । ବ୍ଲକରେ ନାହାନ୍ତି ପାଂଚ ଜଣ ଏକ୍ସଟେନସନ ଅଫିସର, ଦେଢ଼ ବର୍ଷ ହେଲା ଖାଲି ପଡିଛି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଦବୀ । ଉକ୍ତ ପଦବୀ ଦାୟିତ୍ୱରେ ଅଛନ୍ତି କୋରୁକୋଣ୍ଡା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ । ଆଗ ତାଙ୍କ ନିଜ ବ୍ଲକ କାମ କଲା ପରେ ଇଚ୍ଛା ହେଲେ ମାସକୁ ଥରେ ଦୁଇଥର ଆସନ୍ତି ଚିତ୍ରକୋଣ୍ଡା ବ୍ଲକ କଥା ବୁଝିବାକୁ । ଚିତ୍ରକୋଣ୍ଡା ବ୍ଲକ ଆରମ୍ଭରୁ ନାହାନ୍ତି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ । ଜଣେ କିରାଣିଙ୍କୁ ଏହି ପଦବୀର ଦାୟିତ୍ୱ ତୁଲାଇବାକୁ ଦିଆଯାଇଛି । ନିୟମିତ ସହକାରୀ ଯନ୍ତ୍ରୀ ନାହାନ୍ତି, କେବଳ ଡେପୁଟେସନରେ ଅଛନ୍ତି । ସେଇଭଳି ବ୍ଲକରେ ନିୟମିତ ନାହାନ୍ତି ଗ୍ରାମପଚାଂୟତ ସମ୍ପ୍ରସାରଣ ଅଧିକାରୀ । ଜଣେ ପଚାଂୟତ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଖାଲି ପଡିଛି ଦେଢ଼ ବର୍ଷ ହେଲା ଜଳ ପରିମଳ ସଂଯୋଜକ ପଦବୀ କୋରୁକୋଣ୍ଡା ବ୍ଲକ ସଂଯୋଜକଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଥମେ ସେ ନିଜ କୋରୁକୋଣ୍ଡା ବ୍ଲକ କଥା ବୁଝିଲା ପରେ ସମୟ ବାହାର କରି ଆସନ୍ତି ଚିତ୍ରକୋଣ୍ଡା ବ୍ଲକକୁ କାର୍ଯ୍ୟ କରିବାକୁ । ସେହିପରି ଆହୁରି ମଧ ଏକ ବର୍ଷ ହେଲା ଖାଲି ପଡିଛି ଜଣେ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ପଦବୀ । କୋରୁକୋଣ୍ଡା ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଛି ଉକ୍ତ ଦାୟିତ୍ୱ ତୁଲାଇ ବାକୁ । ନିର୍ବାଚନ ହୋଇନଥିବାରୁ ବହୁ ପଚାଂୟତର ସରପଂଚ ଦାୟିତ୍ୱରେ ଅତିରିକ୍ତ ଗୋଷ୍ଠୀ ଉନୟନ୍ନ ଅଧିକାରୀଙ୍କୁ ଦିଆଯାଇଥିଲା । ତାଙ୍କ ଦେହ ଅସୁସ୍ଥତା କାରଣ ଯୋଗୁ ତାଙ୍କ ପଦବୀ ଅନିର୍ଦ୍ଦିଷ୍ଟ ସମୟ ପାଇଁ ମଧ ଖାଲି ପଡିବାର ସମ୍ଭାବନା ରହିଛି । ତେବେ ଏଭଳି କର୍ମଚାରୀ ଅଭାବ ଭିତରେ ଚାଲିଛି ଚିତ୍ରକୋଣ୍ଡା ବ୍ଲକ । ଏତେ ପରିମାଣ ଏବଂ ବଡ଼ ବଡ଼ ପଦବୀ ପୂରଣ ଅଭାବ ଭିତରେ କିପରି ଉନ୍ନୟନ ମୂଳକ କାର୍ଯ୍ୟ ହେଉଥିବ ତାହା ସ୍ପଷ୍ଟ ଭାବରେ ଜଳ ଜଳ ହେଇ ଦିଶୁଛି । କେବଳ ଚିତ୍ରକୋଣ୍ଡା ବିଡ଼ିଓ, କାଁ ଭାଁ ବହୁ କମ୍ କର୍ମଚାରୀଙ୍କୁ ନେଇ ଚାଲିଛି ଚିତ୍ରକୋଣ୍ଡା ବ୍ଲକ । ଅବିଳମ୍ବେ ଜିଲା ପ୍ରଶାସନ ଚିତ୍ରକୋଣ୍ଡା ବ୍ଲକ କର୍ମଚାରୀ ଅଭାବକୁ ଆଖି ଆଗରେ ରଖି ବ୍ଲକ କର୍ମଚାରୀ ତଥା ପଚାଂୟତରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବାକୁ ଚିତ୍ରକୋଣ୍ଡା ତଥା ସ୍ୱାଭିମାନ ଅଂଚଳବାସି ଦାବି କରିଛନ୍ତି ।

# ଧର୍ମଶାଳା କଂଗ୍ରେସର ଜନଜାଗରଣ ଅଭିଯାନ

ଧର୍ମଶାଳା,୩୦/୧୧ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଯାଜପୁର ଜିଲା ଧର୍ମଶାଳା କଂଗ୍ରେସ ପକ୍ଷରୁ ଜନଜାଗରଣ ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅବସରରେ ଜାରକାସ୍ଥିତ ଗୋପବନ୍ଧୁ ଛକଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା,ରାଜ୍ୟ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ,ଜିଲା କଂଗ୍ରେସ ସଭାପତି ମନୋଜ ରାଉତ,ବ୍ଲକ କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ସ୍ୱର ଉତୋଳନ କରିଥିଲେ । ଦିନକୁ ଦିନ ଦାଦାମ ଅହେତୁକ ବୃଦ୍ଧି ହେଉଥିବା ବେଳେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏନେଇ କଂଗ୍ରେସ ଜନସାଧରଣଙ୍କୁ ସଚେତନ କରାଇବା ଏହି ଜନଜାଗରଣ ଯାତ୍ରାର ମୂଳ ଉଦ୍ଦେଶ୍ୟ । ପରେ ଶତାଧିକ କଂଗ୍ରେସ କର୍ମୀ ଜାରକାଠାରୁ ଏକ ଶୋଭାଯାତ୍ରାରେ ବାହାରି କାଏମା ଛକ ପର୍ଯ୍ୟନ୍ତ ପଦଯାତ୍ରା କରି ଲୋକମାନଙ୍କୁ ସଚେତନ କରାଇଥିଲେ ।

# ଉପାନ୍ତ ଅଂଚଳରେ ପୁଣି ଜନନୀ ଯନ୍ତ୍ରଣା : ଦୀର୍ଘ ୮ କିଲୋମିଟର ଚାଲିଲେ ଗର୍ଭବତୀ

ମାଲକାନଗିରି,୩୦/୧୧ (ନି.ପ୍ର): ଜନନୀ ସୁରକ୍ଷା ନେଇ ସରକାରୀ ରାଜକୋଷରୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଛି । କିନ୍ତୁ, ଆଜିବି ଉପାନ୍ତ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଦୁଃଖ କମିବାର ନା ଧରୁନି । କେଉଁଠି ରାସ୍ତା ଥାଇ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ ତ କେଉଁଠି ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇପାରୁନି । ଫଳରେ ପ୍ରସୂତି ମା ମାନଙ୍କୁ କେଉଁଠି ଖଟିଆରେ ତ କେଉଁଠି ଭାରରେ ବୁହା ହେବାର ଦୃଶ୍ୟ ବାରମ୍ବାର ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳୁଛି । କିନ୍ତୁ, ଏବେ ଏକ ଖବର ମିଳିଛି ଯେଉଁଠି ପ୍ରସୂତି ମା ନିଜର ଗର୍ଭ ଯନ୍ତ୍ରଣାରେ ଦୀର୍ଘ ୮ କିଲୋମିଟର ପାହାଡିଆ ଘାଟି ରାସ୍ତାରେ ଚାଲି ଚାଲି ଆସୁଥିବାର ଦୃଶ୍ୟ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରାସବେଡା ପଚାଂୟତ ଅନ୍ତର୍ଗତ ବଣ୍ଡାଘାଟିର ତାଗାବେଡା ଗାଁର ବୁଦା ସୀସାଙ୍କ ସ୍ତ୍ରୀ ଶୁକ୍ରୀ ସୀସା (୩୨ )ଙ୍କ କ୍ଷେତ୍ରରେ । ଗର୍ଭ ଯନ୍ତ୍ରଣା ହେବାରୁ ତାଗାବେଡା ଗାଁରୁ ଦୀର୍ଘ ୮ କିଲୋମିଟର ପାହାଡିଆ ଘାଟି ରାସ୍ତାରେ ବହୁ କଷ୍ଟରେ ଚାଲି ଚାଲି ରାସବେଡା ପଚାଂୟତର ପାଲକାଗୁଡ଼ାରେ ପହଂଚି ଥିଲେ । ସେଠାରେ ପହଂଚିବା ପରେ ଆଶା କର୍ମୀ ଆମ୍ବୁଲାନ୍ସକୁ ଡକାଇ ପ୍ରସୂତୀଙ୍କୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଥିଲେ । ମେଡିକାଲରେ ଶୁକ୍ରୀ ଏକ ସନ୍ତାନ ଜନ୍ମ ଦେଇଥିବା ବେଳେ ମା ଓ ଶିଶୁ ଏବେ ସୁସ୍ଥ ଥିବା ଜଣାପଡିଛି । ଏଠି ପ୍ରଶ୍ନ ଉଠୁଛି, ସରକାର ଜନନୀ ସୁରକ୍ଷା ପାଇଁ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଉପାନ୍ତ ଅଂଚଳରେ ଜନନୀ ସୁରକ୍ଷା ପାଇଁ, ଗର୍ଭବତୀ ମହିଳାଙ୍କ ପାଇଁ ମେଡିକାଲ ମାନଙ୍କରେ ପୂର୍ବରୁ ମହିଳା ମାନଙ୍କୁ ଆଣି ମାଗଣା ଖାଇବା ରହିବା ଓ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ମା ଗୃହ ନିର୍ମାଣ କରାଯାଇ ଜଣେ ଜଣେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ପରିଚାଳନା ନିମନ୍ତେ ଦାୟୀତ୍ୱ ଦିଆଯାଇଛି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ ନିଜର କର୍ମଚାରୀ ରଖି କାର୍ଯ୍ୟ କରୁଛନ୍ତି । ଏଠି ଯାହା ଦେଖିବାକୁ ମିଳିଛି ମା ଗୃହର କର୍ମକର୍ତା ଉପାନ୍ତ ଘାଟି ଅଂଚଳର ଗର୍ଭବତୀ ମହିଳାଙ୍କ ପାଖରେ ପହଂଚି ପାରୁନାହାନ୍ତି । ଯାହା ଫଳରେ ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଛି । ଏହିଭଳି ହୃଦୟ ବିଦାରକ ଦୃଶ୍ୟ ଉପାନ୍ତ ଅଂଚଳରେ ବାରମ୍ବାର ଦେଖିବାକୁ ମିଳୁଛି । କିନ୍ତୁ, ବିଭାଗୀୟ ଅଧିକାରୀ ଓ ମା ଗୃହ ପରିଚାଳନା ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖିଆଙ୍କ ମଧୁଚନ୍ଦ୍ରିକା ପାଇଁ ବିଭାଗୀୟ ଅଧିକାରୀ ମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ କରୁନଥିବା ଜଣାପଡ଼ିଛି । ଯେଉଁଥି ପାଇଁ ଉପାନ୍ତ ଅଞ୍ଚଳରେ ବାରମ୍ବାର ଜନନୀ ଯନ୍ତ୍ରଣା ଘଟଣା ସାମ୍ନାକୁ ଆସୁଛି ।

# ଆନୁଷ୍ଠାନିକ ଭାବରେ ନୂଆପଡା ଜିଲ୍ଲାରେ ଧାନମଣ୍ଡି ଉଦ୍‌ଘାଟନ

ନୂଆପଡା,୩୦/୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖରିଆରରୋଡ଼ ନିୟମିତ ବଜାର କମିଟି ଖରିଆରରୋଡ଼ ଠାରେ ଆଜି ନୂଆପଡା ଜିଲ୍ଲାପାଳ ସ୍ୱଧାଦେ ସିଂଙ୍କ କରକମଳରେ ଧାନ ମଣ୍ଡି ଶୁଭ ଉଦଘାଟନ ହୋଇଯାଇଛି । ଅର୍ଣ୍ଣଦାତା ଚାଷୀ ନିଜ ଉପାର୍ଜିତ ଧାନ ଶଷ୍ୟ ସରକାରଙ୍କ ଏମଏସପି ଧାର୍ଯ୍ୟ ମୂଲ୍ୟରେ ବିକ୍ରିକରି ଲାଭାନ୍ୱିତ ହେବାପାଇଁ ସରକାରଙ୍କ ମଣ୍ଡି ବ୍ୟବସ୍ଥାରେ ଚାଷୀ ଅଂଶ ଗ୍ରହଣ କରିବାପାଇଁ ଜିଲ୍ଲାପାଳ ଶ୍ରୀ ସିଂ ଚାଷୀଙ୍କୁ ଆହ୍ୱାନ କରିଛନ୍ତି । ଆଜି ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ରମାଗତ ଭାବରେ ୭୪ ଗୋଟି ଧାନମଣ୍ଡି ଆରମ୍ଭ ହେବ । ଚଳିତବର୍ଷ ମଣ୍ଡିରେ ଧନବିକ୍ରୟ କରିବାପାଇଁ ଜିଲ୍ଲାରେ ୩୬ ହଜାର ୨୧୧ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଜିଲ୍ଲାରେ ୭୪ ଗୋଟି ଧାନମଣ୍ଡି ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୭୫ ହଜାର କୁଇଂଟାଲ ଧାନ କ୍ରୟ କରିବାକୁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି ।

ଜିଲ୍ଲାସ୍ତରୀୟ ମଣ୍ଡି ଉଦଘାଟନ ଅବସରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ, ଆରଏମସି ସମ୍ପାଦକ, ଏଆରସିଏସ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଚାଷୀ, ପେକ୍ସ, ମିଲର୍ସ ଉପସ୍ଥିତ ଥିଲେ ।

# ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୩୦/୧୧ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ହଜାର ହଜାର ବର୍ଷ ଧରି ଭୂତାଣୁ ଚିକିତ୍ସାର ଔଷଧ ରହିଛି, ଏଣୁ ନୂତନ ଓମିକ୍ରନ ଭାଇରସକୁ ଭୟ ନକରି ଆୟୁର୍ବେଦ ଚିକିତ୍ସକଙ୍କ ପରମର୍ଶ ନେବାକୁ ସଚେତନ କରାଯାଇଥିଲା । ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଆଦି ରୋଗର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ ।

ପ୍ରତ୍ୟେକ ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ । ଶିବିରର ପ୍ରାୟୋଜକ ଥିଲେ ଜୟନ୍ତୀ ଲାଲ ନରସି ଚୌହାନ । ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଆୟୁସ ଡାକ୍ତରମାନଙ୍କୁ ପ୍ରସୂତି ଓ ନବଜାତକ ଶିଶୁ ଚିକିତ୍ସା ପାଇଁ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୩୦/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ମା' ଓ ନବଜାତକ ଶିଶୁ ମାନଙ୍କୁ ଚିକିତ୍ସା ପାଇଁ ଆୟୁସ ଡାକ୍ତର ମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିବା ଜଣାପଡିଛି । ଜିଲ୍ଲାରେ ମାତୃଶିଶୁ ମୃତ୍ୟୁହାର କମାଇବା ଲକ୍ଷ୍ୟରେ ବିଭିନ୍ନ ବ୍ଲକରେ ନିଯୁକ୍ତ ଥିବା ଆୟୁସ ଡାକ୍ତର ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଡାକ୍ତର ମିର୍ଜା ବାବର ବେଗ, ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର କିଶୋର ମିଶ୍ର, ପ୍ରସୂତି ବିଶେଷଜ୍ଞ ଡ଼ଃ ଦେବ ପ୍ରସାଦ ସାହୁ, ଡ଼ଃ ବିନୟ ମିଶ୍ର, ଡ଼ଃ ସୁନିତା କୁମାରୀ ପଟ୍ଟନାୟକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ଶିଶୁ ଜନ୍ମ ପରେ ମା' ଓ ଶିଶୁର ଚକିତ୍ସାକୁ ଅଧିକ ଫଳପ୍ରଦ କରିବା ପାଇଁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରିବାକୁ ପଡିବ ବିଶେଷଜ୍ଞ ମାନେ ମତ ଦେଇ ଥିଲେ । ତାଲିମ ପାଇଥିବା ଆୟୁସ ଡାକ୍ତର ମାନେ ପରବର୍ତୀ ସମୟରେ କମ୍ୟୁନିଟି ହେଲଥ୍ ଅଫିସର ମାନଙ୍କୁ ବ୍ଲକକ ସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଜଣା ପଡିଛି ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାଡ଼ ବଣ୍ଟନ




ବାସୁଦେବପୁର,୩୦/୧୧ (ନି.ପ୍ର): ବାସୁଦେବପୁର ବ୍ଲକର ବିଭିନ୍ନ ପଂଚାୟତ ଯଥା ସୁଦର୍ଶନ ପୁର, ଆର୍ଡୁଙ୍ଗ, ପଡୁଆଁ, ଜଗନ୍ନାଥ ପୁର, କୁମାରପୁର, ନୂଆଗାଁ, ଇରମ, ଚୂଡାମଣି, ଶାଶୁଭୁଆସୁନି, କିସ୍ମତକୃଷ୍ଣପୁର, କୃଷ୍ଣପୁର ପ୍ରଭୃତି ବିଭିନ୍ନ ପଂଚାୟତ ରେ ଏହି ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥ ଭାବେ ଯୋଗ ଦେଇଥିଲେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ । ଅନ୍ୟ ମାନଙ୍କ ମଧରେ ଯୋଗ ଦେଇଥିଲେ ବିଡ଼ିଓ ସତ୍ୟଜିତ ରାଉତ, ବିଧାୟକ ପ୍ରତିନିଧି ଅସିତ ଦାଶ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ମାନସ ସାହୁ । ମଂଚ ସଂଯୋଜନା କରିଥିଲେ ଅମୀୟ ପାଣିଗ୍ରାହୀ । କିସ୍ମତକୃଷ୍ଣପୁର ପଂଚାୟତ ରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜେଡି ନେତା ଚିନ୍ମୟ ବାରିକ ରାମଚନ୍ଦ୍ର ବାରିକ, ମନୋରଞ୍ଜନ ରାଉତ, ଶତ୍ରୁଘ୍ନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ ଯୋଜନା ଓ ସ୍ୱାସ୍ଥ୍ୟ ଯୋଜନା କୁ ମାନ୍ୟବର ବିଧାୟକ ପ୍ରଶଂସା କରିଥିଲେ ।

# ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଦାବି

ମାଲକାନଗିରି,୩୦/୧୧ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ର ଅଠର ଗୋଟି ପଚାଂୟତ ମଧରେ ଅଧିକାଂଶ ପଚାଂୟତ ନଦୀ ନାଳ ଘେରା ଭିତରେ ରହିଛି । ପ୍ରତି ବର୍ଷ ଚିତ୍ରକୋଣ୍ଡା ବ୍ଲକ ଅଂଚଳରୁ ନଦୀରେ ଡ଼ଙ୍ଗା ବୁଡ଼ି ଏବଂ ଭରା ନଦୀରେ ଭାସି ଯାଇ ୩୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥାନ୍ତି । ହେଲେ ଏଠି ପ୍ରଶ୍ନ ଉଠୁଛି ଯେଉଁ ଅଂଚଳରୁ ପ୍ରତି ବର୍ଷ ଏତେ ସଂଖ୍ୟାରେ ନଦୀରେ ଡ଼ଙ୍ଗା ବୁଡ଼ି ହେଉ କିମ୍ବା ଭାସି ଯାଇ ମରୁଛନ୍ତି ସେ ଚିତ୍ରକୋଣ୍ଡା ଅଂଚଳ ପାଇଁ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପନ ପାଇଁ କାହାର ନିଘା ନାହିଁ । ଚିତ୍ରକୋଣ୍ଡା ଅଂଚଳର ଅଧାରୁ ଅଧିକ ଗ୍ରାମକୁ ଯିବାକୁ ହେଲେ ନଦୀ, ନାଳ ଅତିକ୍ରମ କରି ଯିବାକୁ ପଡିଥାଏ । ଚିତ୍ରକୋଣ୍ଡା ଅଂଚଳରେ ପ୍ରତିବର୍ଷ ଡ଼ଙ୍ଗାବୁଡ଼ି ଘଟଣା ଘଟି ବହୁ ସଂଖ୍ୟାରେ ଜୀବନ ହାନି ଘଟୁଥିବା ବେଳେ ଚିତ୍ରକୋଣ୍ଡାରେ ବ୍ଲକ ହେବାର ଚାରି ବର୍ଷ ବିତି ଯାଇଥିଲେ ମଧ ଆଜି ଯାଏଁ ଅଗ୍ନିଶମ ସେବା କେନ୍ଦ୍ର କାର୍ଯ୍ୟାଳୟ ହୋଇପାରିଲା ନାହିଁ । ଘଟଣା ଘଟିବା କ୍ଷଣି ତତକ୍ଷଣାତ ଦମକଳ ସୁବିଧାରୁ ବଂଚିତ ହୋଇ ଆସୁଛନ୍ତି ଚିତ୍ରକୋଣ୍ଡା ଅଂଚଳ ବାସୀ । ଯେତେବେଳେ ବି ଡ଼ଙ୍ଗାବୁଡି ଦୁର୍ଘଟଣାଟିଏ ଘଟୁଛି ସମସ୍ତ ଲୋକ ନିଖୋଜ ରହୁଛନ୍ତି । ଚିତ୍ରକୋଣ୍ଡା ତହସିଲଦାର ଏହି ଖବର ଜାଣିବା ପରେ ମାଲକାନଗିରି, କୁଡୁମୁଲୁଗୁମ୍ମା, କୋରୁକୋଣ୍ଡା କିମ୍ବା ମାଥିଲିରୁ ୫ ୦ ରୁ ୮ ୦ କିଲୋମିଟର ଦୂରରୁ ଚିତ୍ରକୋଣ୍ଡା ରେ ଘଟଣା ଘଟିବାର ପରଦିନ ପହଂଚନ୍ତି । ଅଗ୍ନିଶମ କିମ୍ବା ଓଡ୍ରାଫ୍ଟ ଟିମ୍ କେବଳ ଘଟଣାସ୍ଥଳରେ ବହୁ ବିଳମ୍ବରେ ପହଂଚି ଦୁଇ ତିନି ଦିନ ପରେ ଶବ ଉଦ୍ଧାର କରିଥାନ୍ତି । କିନ୍ତୁ ପରିତାପର ବିଷୟ ଯଦି ଚିତ୍ରକୋଣ୍ଡାରେ ଦମକଳ ଗାଡି ସହ ଅଗ୍ନିଶମ ଟିମ୍ ଥାନ୍ତେ ହୁଏତ ଶୀଘ୍ର ଦୁର୍ଘଟଣା ସ୍ଥଳରେ ପହଂଚି କିଛି ପରିମାଣରେ ଲୋକଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିବାରେ ସକ୍ଷମ ହୋଇଥାନ୍ତେ । କିଛି ଜୀବନ ଅକାଳରେ ଚାଲିଯିବା ଆଗରୁ ବଂଚାଇ ଦିଆଯାଇ ପାରିଥାନ୍ତା । ବିଶେଷ କରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ତଥା ଉପାନ୍ତ ଅଂଚଳରେ ବହୁ ଦୁର୍ଘଟଣା ଘଟି ଚାଲିଛି । ଚଳିତ ବର୍ଷ ଚିତ୍ରକୋଣ୍ଡା ବ୍ଲକ ଅଂଚଳରେ ଯଥା ଓରାପଦର, କନ୍ଧଗୁଡ଼ା, କୁରୁମାନୁର, ପଣଷପୁଟ, ଚିତ୍ରକୋଣ୍ଡା ଆରଙ୍ଗି ଘାଟ ଓ ଦୋରାଗୁଡ଼ା ଘାଟ, କାଟଂରପେଟା ନଦୀ, ସାକୃବନ୍ଧା ନାଳ ଭଳି ବହୁ ଗ୍ରାମରେ ଡ଼ଙ୍ଗା ବୁଡ଼ି ଓ ନଦୀରେ ଭାସି ଦୁର୍ଘଟଣା ଘଟି ବହୁ ଜୀବନ ଚାଲି ଗଲାଣି । ପ୍ରତି ବର୍ଷ ଡ଼ଙ୍ଗାବୁଡ଼ି ଘଟଣା ଘଟି ବହୁ ଜୀବନ ଯାଉଛି ଯାହାକି ପ୍ରତି ବର୍ଷ ଘଟି ଆସୁଛି, ଉକ୍ତ ସମସ୍ୟା ମାଲକାନଗିରି ଜିଲା ପ୍ରଶାସନ ତଥା ସ୍ଥାନୀୟ ବିଧାୟକ ଓ ସାଂସଦ ଅବଗତ ଥାଇ ମଧ ଆଜି ଯାଏଁ ଚିତ୍ରକୋଣ୍ଡାରେ ଅଗ୍ନିଶମ ସେବା କେନ୍ଦ୍ରଟିଏ ହୋଇ ପାରିଲା ନାହିଁ । ଅବିଳମ୍ବେ ଜିଲା ପ୍ରଶାସନ, ଚିତ୍ରକୋଣ୍ଡା ବିଧାୟକ ଓ ନବରଙ୍ଗପୁର ସାଂସଦ ଉକ୍ତ ସମସ୍ୟାକୁ ବିଚାରକୁ ନେଇ ଚିତ୍ରକୋଣ୍ଡାରେ ନୂଆ ଅଗ୍ନିଶମ ସେବା କେନ୍ଦ୍ର କରିବାକୁ ଚିତ୍ରକୋଣ୍ଡା ଉପାନ୍ତ ଅଂଚଳ ତଥା ସ୍ୱାଭିମାନ ଅଂଚଳବାସୀ ଦାବି କରିଛନ୍ତି ।

# ବନ୍ଧଡିହ ସରକାରୀ ବିଦ୍ୟାଳୟରେ ୫ଟି ଶୁଭାରମ୍ଭ

ଧର୍ମଶାଳା,୩୦/୧୧ (ନି.ପ୍ର): ଆଜି ୧ମ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ଟି ଉପକ୍ରମରେ ୬ଟି ଜିଲାର ୨୩୯ ହାଇସ୍କୁଲ ରୂପାନ୍ତରଣର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି । ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତର ବନ୍ଧଡିହ ସରକାରୀ ବିଦ୍ୟାଳୟ ଏହି ୫ଟିରେ ସାମିଲ ହୋଇଛି । ବିଦ୍ୟାଳୟ ପରିସରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପରିସରରେ ସାଜସଜ୍ଜା ସଂାଗକୁ ଆଲୋକିରଣ ବେଶ ମନୋରମ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣାଞ୍ଜଳୀ ଆଚାର୍ଯ୍ୟଙ୍କ ତତ୍ୱବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ,ଅବିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । କାର୍ଯ୍ୟ୍ରକମ ପରିଚାଳନାରେ ଶିକ୍ଷକ ଇନ୍ଦ୍ରମଣୀ ନାୟକ, ମାମିନା ଅନୁରଞ୍ଜନୀ, ହରେକୃଷ୍ଣ ଗୁଇ, ଦିପାଳି ମହାରଣା, ଶୁଭଶ୍ରୀ ସାହୁ, ସୁଶାନ୍ତ କୁମାର ସାହାଣୀ, ତ୍ରିଲୋଚନ ସାହୁ, ହେମନ୍ତ କୁମାର ବେହେରା ଓ ଲକ୍ଷ୍ମଣ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ମୁଗ ପିଠା

ପାଠକ ବନ୍ଧୁ ଆମେ ଏହି ସଂଖ୍ୟାରେ ମୁଗରେର ପ୍ରସ୍ତୁତ ଏକ ପିଠା ବିଷୟରେ ଉଲ୍ଲେଖ କରିଛୁ । ପଶ୍ଚିମବଙ୍ଗ ଓ ବାଂଲାଦେଶର ଗ୍ରାମାଞ୍ଚଳର ଏହା ଏକପ୍ରକାର ପାରମ୍ପରିକ ପିଠା । ଏହି ପିଠା ସାଧାରଣତଃ ଶୀତ ଦିନେ ପ୍ରସ୍ତୁତ ହୋଇଥାଏ । ବଙ୍ଗଳାରେ ଏହାକୁ ମୁଗେର ଡାଲେର୍ ଭାଜା ପିଠେ ବୋଲି କୁହାଯାଇଥାଏ । ଲକ୍ଷ୍ମୀପୂଜା ଅବସରରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ଏହି ପିଠାକୁ ପ୍ରଥମେ ତେଲରେ ଛଣାଯାଇ ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଦୁର୍ଗାପୂଜା ପରେ ଓଡ଼ିଶାରେ ଯେପରି ଗଜଲକ୍ଷ୍ମୀ ପୂଜା ହୋଇଥାଏ ।

ପଶ୍ଚିମବଙ୍ଗ ଓ ବାଂଲାଦେଶର ଅନେକ ସ୍ଥାନରେ ସେହି ପୂଜାକୁ କୋଜାଗରି ଲକ୍ଷ୍ମୀ ପୂଜା ବୋଲି କୁହାଯାଇଥାଏ । ମା' ଲକ୍ଷ୍ମୀଙ୍କ ଏହି ପୂଜାରେ ମୁଗ ପିଠା ଭୋଗ କରାଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଉପଦାନ ହେଉଛି ମୁଗଡାଲି ଏବଂ ଚିନି । ଏହି ମିଠାକୁ ଭାଗମାପ ଅନୁସାରେ ଭଲ କରି ପ୍ରସ୍ତୁତ କଲେ ଏହା ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ଭଲ ରହିବ । ଯଦି ଆପଣ ଅଧିକ ଦିନ ରଖିବାକୁ ଚାହାନ୍ତି ତେବେ ଏହାକୁ ପ୍ରସ୍ତୁତ କରିସାରିଲା ପରେ ଫ୍ରିଜ୍‌ରେ ରଖିଦେବେ । ଖାଇବା ଆଗରୁ ମାଇକ୍ରୋଓ୍ୱେଭ୍‌ରେ ଟିକେ ଗରମ କରିନେବେ । ତେବେ ଆସନ୍ତୁ ଜାଣିବା ମୁଗ ପିଠା କିପରି ପ୍ରସ୍ତୁତ କରାଯାଏ ।



**ପ୍ରସ୍ତୁତି:**

ମୁଗପିଠା ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଘିଅ, ଅଧ କପ୍ ଚୋପାଛଡ଼ା ମୁଗଡାଲି, ଦେଢ଼ କପ୍ ପାଣି, ୧ କପ୍ କ୍ଷୀର, ୧ କପ୍ ଚାଉଳା ଚୂନା, ଛାଣିବା ପାଇଁ ରିଫାଇନ୍ ତେଲ ନେବାକୁ ହେବ । ଏହା ପରେ ସିରା ପ୍ରସ୍ତୁତ ପାଇଁ ଦେଢ଼ କପ ଚିନି, ଦେଢ଼ କପ୍ ପାଣି, ଚଉଠେ ଚାମଚ କେଶର, ଚଉଠେ ଚାମଚ ଗୁଜୁରାତି ଗୁଣ୍ଡ ନେବେ । ପ୍ରଥମେ ଏକ ପ୍ରେସର କୁକରର୍‌ରେ ୧ ଚାମଚ ଘିଅ ଗରମ କରି ସେଥିରେ ମୁଗ ଡାଲି ଭାଜିବାକୁ ହେବ । ଡାଲି ଭାଜିବା ପୂର୍ବରୁ ଡାଲିକୁ ଧୋଇ ସେଥିରୁ ପାଣି ଝରାଇ ରଖିଥିବେ । ଧିମା ଆଞ୍ଚରେ ମୁଗ ଡାଲି ପାଞ୍ଚ ମିନିଟ୍ ଭାଜି ହୋଇଗଲା ପରେ ଦେଖିବେ ସେଥିରୁ ହାଲ୍‌କା ବାସ୍ନା ଆସିବ । ଏଥର ସେଥିରେ ୧ କପ୍ ପାଣି ଏବଂ ୧ କପ୍ କ୍ଷୀର ଦେଇ ଭଲ କରି ଗୋଳେଇ ଦେବେ । ଏହା ପରେ ପ୍ରେସର କୁକର୍‌ର ଢାଙ୍କୁଣୀ ଦେଇ ମଧ୍ୟମ ଆଞ୍ଚରେର ଚାରୋଟି ସିଟି ଆସିଲା ପର୍ଯ୍ୟନ୍ତ ସିଝିବା ପାଇଁ ଛାଡ଼ିଦେବେ । ସିଟି ବାଜିବାର କିଛି ସମୟ ପରେ ଯେତେବେଳେ ଦେଖିବେ ଆଉ ଶବ୍ଦ ଆସୁନଥିବ ସେତେବେଳେ ଢାଙ୍କୁଣି ଖୋଲିଦେବେ । ଯଦି ଦେଖନ୍ତି ଭଲଭାବେ ସିଝି ନଥାଏ ତେବେ ଦରସିଝା ମୁଗ ଡାଲିକୁ ମିକ୍ସିରେ ଭଲ କରି ବ୍ଲେଣ୍ଡ କରିନେବେ । ଏହା ପରେ ଗ୍ୟାସରର ଏକ ବଡ଼ କରେଇ ବସାଇ ସେଥିରେ ଏହି ମୁଗ ଡାଲି ପେଷ୍ଟ ଦେଇ ସେଥିରେ ଅଧା କପ ପାଣି ମିଶାଇ ଭଲ କରି ଘାଣ୍ଟିବେ । ଆଞ୍ଚ ପୂରା ଧିମା ରଖିଥିବେ । ଏହା ପରେ ସେଥିରେର ଚାଉଳଗୁଣ୍ଡ ପକାଇ ଧୀରେ ଧୀରେ ଘାଣ୍ଟିବେ । ଯେମିତି ଗୁଳା ରହିନଯାଏ ସେଥିପ୍ରତି ଦୃଷ୍ଟି ଦେବେ । ଭଲ କରି ମିଶିଗଲା ପରେ କରେଇରେ ଏକ ଢାଙ୍କୁଣି ଦେଇ ୫ ମିନିଟ୍ ରଖିଦେବେ । ଏହାପରେ ୧ ଚାମଚ ଘିଅ ସେଥିରେ ଗୋଳାଇଦେବେ । ଘିଅ ଗୋଳାଇ ଦେଲେ ଏକ ନନ୍‌ଷ୍ଟିକି ଡୋ ପ୍ରସ୍ତୁତ ହୋଇଯିବ । ଏହା ପରେ ସେହି ଡୋକୁ ଆଉ ଏକ ବଡ଼ ପାତ୍ରକୁ ବାହାର କରିଆଣିବେ । ଟିକେ ଥଣ୍ଡା ହୋଇ ଆସିଲେ ହାତରେ ସାମାନ୍ୟ ତେଲ ମାରି ଏହି ମିଶ୍ରଣକୁ ଆଉ ଟିକେ ଦଳି ଅଲଗା ରଖିବେ । ଏଥର ଚିନି ସିରା ପ୍ରସ୍ତୁତ କରିବେ । ସିରା ପ୍ରସ୍ତୁତ ହୋଇଗଲେ ସେଥିରେ ସାଫ୍ରନ ଏବଂ ଗୁଜୁରାତି ଗୁଣ୍ଡ ମିଶାଇ ଦେବେ । ସିରା ଯେପରି ଅଧିକ ବହଳିଆ ନ ହୁଏ ଖିଆଲ ରଖିଥିବେ । ଏହା ପରେ ଚକଟି ରଖିଥିବା ଗୁଳାରୁ ଛୋଟ ଛୋଟ ଗୁଳା କରି ହାତରେ ଚାପି ନିଜ ମନପସନ୍ଦ ଆକୃତିର ପିଠା ଗଢ଼ିବେ । ଯେମିତି ପେଢ଼ା ଭଳି ଲାଗେ ଠିକ୍ ସେମିତି ଭାବେ ଗଢ଼ିଲେ ଭଲ ଦେଖାଯିବ । ଏହା ପରେ କରେଇରେ ତେଲ ଗରମ କରି ଏହି ପିଠାକୁ ମଧ୍ୟମ ଆଞ୍ଚରେ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ । ତେଲରୁ ଛାଣି ଟିସୁ ପେପର୍ ଉପରେ ରଖି ସିଧା ଚିନି ସିରାରେ ବୁଡ଼ାଇଦେବେ । ଦୁଇଘଣ୍ଟା ବତୁରି ଗଲା ପରେ ପ୍ରସ୍ତୁତ ହୋଇଯିବ ମୁଗ ପିଠା ।

## ଦିନକୁ ଗୋଟିଏ ଆସ୍ପିରିନ୍ କ୍ୟାନସରକୁ ଦୂର କରିବ

୫୦ରୁ ୭୦ ବର୍ଷ ବୟସ୍କ ଲୋକଙ୍କୁ ବାଉଲ ବା ଆନ୍ତ୍ରରେ କର୍କଟ ହୋଇଥାଏ । କେତକଙ୍କୁ ଜରାୟୁ କର୍କଟ ହୋଇଥାଏ । ଅଷ୍ଟ୍ରେଲିଆରେ କରାଯାଇଥିବା ଏକ ଗବେଷଣା ଅନୁଯାୟୀ ଦିନକୁ ଗୋଟିଏ ଆସ୍ପିରିନ୍ ଖାଇଲେ କର୍କଟ ହେବ ନାହିଁ । ଅଷ୍ଟ୍ରେଲିଆର ଗବେଷକମାନେ ସାରା ବିଶ୍ୱରେ ଏହି ଗବେଷଣା କରିଥିଲେ । ରୟାଲ ମେଲବର୍ଣ୍ଣ ହସ୍‌ପିଟାଲର ଗବେଷକମାନେ ଏହି ଗବେଷଣା କରିଥିଲେ । ୨ ବର୍ଷ ଧରି ଏହି ଗବେଷଣା ଚାଲିଥିଲା । ଏଥିରୁ କର୍କଟ ବା କ୍ୟାନସର ହେବାର ଲକ୍ଷଣ ୫୦ ପ୍ରତିଶତ ହ୍ରାସ ପାଇଛି ବୋଲି ଗବେଷଣା ପରେ କୁହାଯାଇଛି । ବିଶ୍ୱର ଲୋକପ୍ରିୟ ବିଜ୍ଞାନ ପତ୍ରିକା ଲାନ୍ ସେଟ୍‌ରେ ଏହାର ରିପୋର୍ଟ ପ୍ରକାଶ ପାଇଛି । ମିଚେଲ୍ ରିଟଚି ନାମକ ବ୍ୟକ୍ତିଙ୍କର ଲାଇନ୍‌ଚ୍ ସିଣ୍ଡ୍ରୋମ ରହିଛି । ତାଙ୍କର କ୍ୟାନସର ହେବାର ଆଶଙ୍କା ଖୁବ୍ ବେଶୀ । ତେବେ ସେ ଗତ ୨୦ ବର୍ଷ ଧରି ପ୍ରତିଦିନ ଗୋଟିଏ ଲେଖାଏ ଆସ୍ପିରିନ୍ ଖାଉଛନ୍ତି । ଏଥିଯୋଗୁଁ ତାଙ୍କୁ ନିକଟରେ କ୍ୟାନସରର ଲକ୍ଷଣ ଦେଖାଯାଇ ନାହିଁ । ଏହାପରେ ଆସ୍ପିରିନ୍ ଦିଆଯାଇ ୪୨୭ ଜଣଙ୍କ ଉପରେ ଗବେଷଣା କରାଯାଇଥିଲା । ୧୦ରୁ ୨୦ ବର୍ଷ ଧରି ବିଭିନ୍ନ ଲୋକଙ୍କ ଉପରେ ଗବେଷଣା କରାଯାଇଥିଲା ସେମାନଙ୍କୁ କ୍ୟାନସର ହେବାର ଲକ୍ଷଣ ୫୦ପ୍ରତିଶତ ହ୍ରାସ ପାଇଥିବା ଦେଖିବାକୁ ମିଳିଛି । ମେଲବର୍ଣ୍ଣ ହସ୍‌ପିଟାଲ୍‌ର ପ୍ରଫେସର ଫିନ୍‌ଲେ ମାକରାଇ ଏହି ଗବେଷଣା କରିଥିଲେ । ଆସ୍ପିରିନ୍ ବ୍ୟବହାରର ସକରାତ୍ମକ ଦିଗ ବିଷୟରେ ସେ ଏହି ଗବେଷଣାରୁ ଜାଣିବା ପାଇଁ ପାଇଛନ୍ତି ।




## ତ୍ୱଚା ଭାଙ୍ଗ ଦୂରେଇବାର ଉପାୟ

ନାମୀ ଦାମୀ କମ୍ପାନୀର କ୍ରିମ କିମ୍ବା ବ୍ୟୁଟି ପାର୍ଲରରେ ଉପଚାର କରିବା ପୂର୍ବରୁ ପ୍ରଥମେ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚା ନିମନ୍ତେ ଘରେ ପ୍ରସ୍ତୁତି କରନ୍ତୁ । ୩୦ ପାର ହେଲା ପରେ ମହିଳାଙ୍କ ମୁଖ୍ୟ ସମସ୍ୟା ହେଉଛି ତ୍ୱଚାରେ ଭାଙ୍ଗ ପଡ଼ିବା । ଏଥି ନିମନ୍ତେ କେତୋଟି ଘରୋଇ ଉପଚାର କରିବା ଜରୁରୀ ।

ଭିଟାମିନ ଏ ଓ ଇ ଯୁକ୍ତ କଦଳୀ ଫଳଟି ଆମ ତ୍ୱଚା ଉପରେ ଖୁବ ଭଲ ପ୍ରଭାବ ପକାଇଥାଏ । ପାଚିଲା କଦଳୀକୁ ଭଲଭାବେ ଚକଟି ସେଥିରେ ୧ଚାମଚ ମହୁ ଓ ଗୋଲାପ ଜଳ ମିଶାଇ ପ୍ୟାକ ତିଆରି କରନ୍ତୁ । ଏବେ ସେହି ପ୍ୟାକକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ଧୋଇନେବେ । ସପ୍ତାହକୁ ଥରୁଟିଏ ଏହି ପ୍ୟାକ ଲଗାଇଲେ ତାହାର ପ୍ରଭାବ ପଡ଼େ ।

କଫି ଗୁର୍ଡ ତ୍ୱଚା ପାଇଁ ଏକ ଉତ୍ତମ ସ୍କ୍ରବ ହୋଇଥିବା ବେଳେ ତାହା ତ୍ୱଚାରୁ ମୃତକୋଷିକା ବାହାର କରିଦିଏ । ତ୍ୱଚାର ଭାଙ୍ଗ ଦୂରେଇବା ନିମନ୍ତେ କଫି ଗୁଣ୍ଡ ୧ଚାମଚରେ ନଡ଼ିଆ ତେଲ ଅଳ୍ପ ମିଶାଇ ତାହା ତ୍ୱଚାରେ ଓ ହାତ, ପାଦରେ ଲଗାଇ ୧୫ମିନିଟ ପରେ ମାଲିସ କରି ଧୋଇନେବେ । ପ୍ରତି ୨ଦିନରେ ଥରେ ଏହି ପ୍ୟାକ ଲଗାଇଲେ ଲାଭ ମିଳେ ।



## ଶ୍ରମିକଙ୍କୁ ମିଳିଲା ହୀରାଠାରୁ ମୂଲ୍ୟବାନ ପଥର

ତାଞ୍ଜାନିଆର ଏକ ଖଣିରେ କାମ କରୁଥିବା ଜଣେ ଶ୍ରମିକ ପଥର କାମ କରୁଥିବା ବେଳେ ହୀରାଠାରୁ ମୂଲ୍ୟବାନ ପଥର ପାଇଛନ୍ତି । ସୌନିନିଉ ନାମକ ଏହି ଶ୍ରମିକ ପଥର ଖୋଳିବା ବେଳେ ୧୩.୯ ପାଉଣ୍ଡ (୬.୩ କିଲୋ) ଓଜନର ତାଞ୍ଜାନାଇଟ୍ ରତ୍ନ ପାଇଥିଲେ । ଯାହାକି ବିକ୍ରି କରି ସେ ଭାରତୀୟ ମୁଦ୍ରାରେ ୧୪.୭ କୋଟି ଟଙ୍କା ପାଇଛନ୍ତି । ଏହା ପୂର୍ବରୁ ଜୁନ୍ ୧ ତାରିଖରେ ତାଙ୍କୁ ଆଉ ଏକ ତାଞ୍ଜାନାଇଟ୍ ରତ୍ନ ମିଳିଥିଲା । ଯାହାକୁ ବିକ୍ରି କରି ସେ ୨୩.୫ କୋଟି ଟଙ୍କା ପାଇଥିଲେ । ତାଞ୍ଜାନାଇଟ୍ ଜେମଷ୍ଟୋନ କେବଳ ଉତ୍ତର ତାଞ୍ଜାନିଆରେ ମିଳିଥାଏ ଏବଂ ଏହାକୁ ରତ୍ନ ଆଭୂଷଣ ପ୍ରସ୍ତୁତିରେ ବ୍ୟବହାର କରାଯାଇଥିଲା । ଏହା ପୃଥିବୀର ସବୁଠାରୁ ଦୁର୍ଲଭ ରତ୍ନ ମଧ୍ୟରେ ଗୋଟିଏ ଓ ସ୍ଥାନରେ ଭୂବିଜ୍ଞାନୀମାନଙ୍କ ଆକଳନ ଅନୁସାରେ ଏହି ପଥର ପ୍ରାୟ ୨୦ ବର୍ଷ ପରେ ପୃଥିବୀରେ ଆଉ ମିଳିବା ସମ୍ଭାବନା ନାହିଁ । ୫୨ ବର୍ଷ ବୟସ୍କ ସୌନିନିଉ ଲେଜରଙ୍କୁ ତାଞ୍ଜାନିଆ ଅର୍ଥମନ୍ତ୍ରୀ ଫିପିପ୍ ମ୍ପୋଗୀ ୪.୮ ବିଲିଅନ ତାଞ୍ଜାନିଆ ସିଲିଂ (୨.୧ ନିୟୁତ ଡଲାର) ର ଏକ ଡମି ଚେକ୍ ପ୍ରଦାନ କରାଯାଇଛି ।

## ମେଦବହୁଳତା ଦୂରକରେ ଗଧ କ୍ଷୀର



**ଲିଟରର ପିଛା ୭ ହଜାର ଟଙ୍କା:**

ଏବେ ପିଲାଙ୍କୁ ଗଧ କ୍ଷୀର ପିଇବାକୁ ଦିଆଯିବ । ଏହାଦ୍ୱାରା ଶରୀରରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ସ୍ମୃତିଶକ୍ତି ବି ପ୍ରଖର ହେବ । ଏହାକୁ ନିୟମିତ ପିଇଲେ କର୍କଟ, ମେଦବହୁଳତା ଏବଂ ଆଲର୍ଜିରୁ ମୁକ୍ତି ମିଳିପାରିବ ବୋଲି କୁହାଯାଉଛି । ହରିୟାଣାର ହିସାରଠାରେ ଥିବା ଜାତୀୟ ଅଶ୍ୱ ଅନୁସନ୍ଧାନ କେନ୍ଦ୍ର (ଏନ୍‌ଆର୍‌ସିଇ) ପକ୍ଷରୁ ଗଧ କ୍ଷୀର ବିକ୍ରି ପାଇଁ ଷ୍ଟଲ ସ୍ଥାପନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ହଲାରରୀ ପ୍ରଜାତିର ମାଈ ଗଧଙ୍କଠାରୁ କ୍ଷୀର ସଂଗ୍ରହ କରାଯାଇ ଏହାକୁ ଅଧ ଲିଟର ଏବଂ ଲିଟର ପଲିପ୍ୟାକ ତଥା ବୋତଲରେ ବିକ୍ରି କରାଯିବ । ଏହାର ଦାମ ଲିଟର ପିଛା ୭ ହଜାର ଟଙ୍କା ରହିବ । ଏନେଇ କେନ୍ଦ୍ରୀୟ ମଇଁଷି ଅନୁସନ୍ଧାନ କେନ୍ଦ୍ର ଏବଂ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥାନର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ା ଯାଇଛି । ଗାଈ କ୍ଷୀର ଭଳି ଗଧ କ୍ଷୀରର ମଧ ବିକ୍ରି କରାଯିବ ବୋଲି ଏହି ପ୍ରକଳ୍ପରେ କାମ କରୁଥିବା ଏନ୍‌ଆର୍‌ସିଇ ବରିଷ୍ଠ ଗବେଷକ ପ୍ରଫେସର ଡ.ଅନୁରାଧା ଭରଦ୍ୱାଜ ସୂଚନା ଦେଇଛନ୍ତି ।

## ବୋତଲରେ କ୍ଷୀର ପିଉଛି ହାତୀ ଛୁଆ



ଏକ ହାତୀଛୁଆ ବୋତଲରେ କ୍ଷୀର ପିଇଲା ଭଳି ଆଶ୍ଚର୍ଯ୍ୟ ଘଟଣାର ଭିଡିଓ ଏବେ ଭାଇରାଲ ହୋଇଛି । ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ବେଳେ ଲୋକେ ଏହାକୁ ବହୁ ମାତ୍ରାରେ ସେୟାର କରିଛନ୍ତି । ଭିଡିଓରୁ ଜଣାପଡ଼ିଛି ଯେ, ଗୋଟେ ହାତୀ ଛୁଆ ବୋତଲରେ କ୍ଷୀର ପିଉଛି । ଯାହାକୁ ନେଇ ଇଣ୍ଟରନେଟ୍‌ରେ ଖୁବ୍ କୌତୁହଳ ଜାତ ହୋଇଛି । ୩୯ ସେକେଣ୍ଡର ଏହି ଭାଇରାଲ୍ ଭିଡିଓଟିକୁ ଟ୍ୱିଟରରେ ସେଲଡ୍ରିକ୍ ଓ୍ୱାଇଲ୍ଡଲାଇଫ୍ ଦ୍ୱାରା ସେୟାର ହୋଇଛି ଏବଂ ପାଖାପାଖି ୧୨୦୦୦ ଭିୟୁଜ୍ ଆସିଛି । ପ୍ରାଣୀ ସମ୍ପଦ ସୁରକ୍ଷା ପାଇଁ ଏହି ଭିଡିଓ ଜରିଆରେ ମଧ୍ୟ ବାର୍ତ୍ତା ପ୍ରେରଣ କରାଯାଇଛି ।



## ଘର ପରିଷ୍କାର ରଖିବାକୁ ଏହି ଉପାୟ ଆପଣାନ୍ତୁ



ସଂକ୍ରମଣଜନିତ ରୋଗରୁର ବଞ୍ଚିବାକୁ ଚାହୁଁଥିଲେ, ଘରଦ୍ୱାର ପରିଷ୍କାର ରଖିବା ଜରୁରୀ । ଏହା ସହ ଘରର ପ୍ରବେଶ ଦ୍ୱାରରେ ସାନିଟାଇଜର୍ ରଖନ୍ତୁ । ଏହା ପରେ ସ୍ନାନାଗାରକୁ ଯାଇ ପୋଷାକ ପରିବର୍ତ୍ତନ କରି ଉଷୁମ ପାଣିରେ ଗୋଡ଼ ହାତ ପୋଛିନେବେ ।

- ଘରର ସୁଇଚ୍ ବୋର୍ଡ, ଡାଇନିଂ ଟେବୁଲ୍, ବୈଠକଖାନାର ସୋଫା ଇତ୍ୟାଦିକୁ ପ୍ରତିଦିନ ସଫା କରିବା ଉଚିତ । ବଜାରରେ ମିଳୁଥିବା କ୍ଲିନିଙ୍ଗ୍ ଉପକରଣ ଜରିଆରେ ଏସବୁ ସ୍ଥାନ ପରିଷ୍କାର କରିହେବ ।
- ଏହା ସହ ଘର ପ୍ରତି ୨ ଦିନରେ ପୋଛନ୍ତୁ । ବାଲଟିଏ ପାଣିରେ ଲୁଣ ପକାଇ ଘରର ପ୍ରତ୍ୟେକ କକ୍ଷକୁ ଭଲରେ ପୋଛିନେବେ ।
- ଓ୍ୱାଶ୍ ବେସିନ୍‌ରେ ଜୀବାଣୁ ଅଧିକ ରହିଥାନ୍ତି ।
- ନିୟମିତ ଏସବୁ ସ୍ଥାନକୁ ସଫା କରିବା ଜରୁରୀ ।
- ଚାଦର, ବେଡ୍‌ସିଟ୍, ତକିଆ ଖୋଳ ପ୍ରତି ୩-୪ ଦିନରେ ଥରେ ସଫା କରନ୍ତୁ । ଏହା ସହ ଏସବୁକୁ ଖରାରେ ଭଲରେ ଶୁଖାଇବା ଆବଶ୍ୟକ । ଏପରି କଲେ ସେଥିରୁ ଥିବା ଜୀବାଣୁ ମରିଯାନ୍ତି ।
- ଘର ଝାଡୁ କରିବା ସମୟରେ ଏବେ ମାସ୍କ ପରିଧାନ ଅଭ୍ୟାସ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।
- ନିୟମିତ ଭାବେ ୨-୩ ଥର ୨୦ ଅନ୍ତତଃ ସେକେଣ୍ଡ ହାତ ଧୋଇବା ଉଚିତ ।

## ଚିଙ୍ଗୁଡ଼ି ମାଛ ମଲାଇ କରୀ



ଯଦି ସି ଫୁଡ୍ ଖାଇବାକୁ ପସନ୍ଦ କରୁଥାନ୍ତି ତେବେ ଚିଙ୍ଗୁଡ଼ି ମାଛ ମଲାଇର କରୀ ନିଶ୍ଚିତ ଭାବରେ ଟ୍ରାଏ କରନ୍ତୁ ।

**ଆବଶ୍ୟକ ସାମଗ୍ରୀ:**

ଛୋଟ ଚିଙ୍ଗୁଡ଼ି-୩୦୦ ଗ୍ରାମ, ନଡ଼ିଆ ରସ-୧ କପ୍, ହଳଦୀ ପାଉଡର-୧/୨ ଚାମଚ, ଲାଲ୍ ଲଙ୍କା ପାଉଡର-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ତେଲ-୩ ଚାମଚ, କଟା ପିଆଜ-୨ଟି, କଟା ରସୁଣ-୧ ଚାମଚ, କାଜୁ ପେଷ୍ଟ-୨ ଚାମଚ, ସୋରିଷ ବଟା-୨ ଚାମଚ, କଟାଯାଇଥିବା କଞ୍ଚା ଲଙ୍କା-୨ଟି ।

**ପ୍ରଣାଳୀ:** ଏକ ପାତ୍ରରେ ଚିଙ୍ଗୁଡ଼ି ମାଛ ନେଇ ସେଥିରେ ହଳଦୀ, ଲଙ୍କା ପାଉଡର ଓ ଲୁଣ ମିଶାଇ ୩ ମିନିଟ୍ ପାଇଁ ରଖିଦିଅନ୍ତୁ । ଗୋଟେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଚିଙ୍ଗୁଡ଼ିକୁ ପକାଇ ଭାଜନ୍ତୁ । ଏହାକୁ ଭାଜି ସାରିବା ପରେ ଗୋଟେ ପେପରରେ ରଖନ୍ତୁ ଯେପରି ଏଥିରୁ ତେଲ ବାହାରିଯିବ । ବାକି ତେଲରେ ପିଆଜ ପକାଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପୁଣି ରସୁଣ ପକାଇ କିଛି ସମୟ ପାଇଁ ଭାଜିବାକୁ ହେବ । ଏବେ ସେଥିରୁ କାଜୁ ପେଷ୍ଟ ପକାଁ ମିଶାନ୍ତୁ । ସେଥିରେ କିଛି ସମୟ ପରେ ଅଳ୍ପ ପାଣି ମିଶାଇ ସୋରିଷ ବଟା ପକାନ୍ତୁ ଓ ଭଲ ଭାବରେ ମିଶାନ୍ତୁ । ତା' ପରେ ନଡ଼ିଆ ରସ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏହା ଫୁଟିଯିବା ପରେ ଲଙ୍କା ପକାଇବାକୁ ହେବ । ଏବେ ଭଜା ଯାଇଥିବା ଚିଙ୍ଗୁଡ଼ି ମାଛ ପକାଇ ସେଥିରେ କିଛି ପାଣି ମିଶାଇ ଫୁଟାନ୍ତୁ । ଲୁଣ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ ଓ ଗରମ ଗରମ ପରଟା ବା ଜିରା ରାଇସ୍ ସହିତ ଖାଆନ୍ତୁ ।

## ଚୁଡ଼ା ଢୋକ୍‌ଲା

ବେସନ କିମ୍ବା ସୁଜିରେ ତିଆରି ଢୋକ୍‌ଲା ଖାଇଥିବେ । ଚୁଡ଼ା ଢୋକ୍‌ଲା ତିଆରି କରିବା ସହଜ ହେବା ସହ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ହୋଇଥାଏ ।




**ଆବଶ୍ୟକ ସାମଗ୍ରୀ:**

ପତଳା ଚୁଡ଼ା- ୫୦୦ ଗ୍ରାମ, ଦହି ୨୫୦ ଗ୍ରାମ, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ସୋରିଷ ଏବଂ ଜିରା, ୧ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ସୋଡ଼ା-୧/୪ ଚାମଚ, ୨ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ ଏବଂ ବଡ଼ ଚାମଚରେ ଅଧା ଚାମଚ କଟା ଧନିଆ ପତ୍ର ।

**ପ୍ରସ୍ତୁତି:** ପ୍ରଥମେ ଏକ ପାତ୍ରରେ ଦହି ଓ ଚୁଡ଼ା ମିଶାଇ ୧ ଘଣ୍ଟା ରଖିଦିଅନ୍ତୁ । ଘଣ୍ଟାକ ପରେ ସେଥିରେ ଲୁଣ, ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଧନିଆପତ୍ର, ସୋଡ଼ା ଏବଂ ତେଲ ମିଶାଇ ଭଲଭାବେ ପିଠଉ ପରି ପ୍ରସ୍ତୁତ କରିନିଅନ୍ତୁ । ଥାଳି ପରି ଏକ ଚଉଡ଼ା ପାତ୍ରରେ ତେଲ ଲଗାଇ ସେଥିରେ ଏହି ଢୋକ୍‌ଲା ପିଠଉ ଢାଳିଦେବେ । ଏକ ଷ୍ଟିମରରେ ଏହି ପାତ୍ର ରଖି ୨୦-୨୫ ମିନିଟ୍ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ଢୋକ୍‌ଲା ସିଝିଯିବା ପରେ ଏହାକୁ ବାହାର କରି ଥଣ୍ଡା ହେବା ପାଇଁ ରଖିଦେବେ । ଥଣ୍ଡା ହେବା ପରେ ଏହାକୁ ଢୋକ୍‌ଲା ଭଳି ଚାରିକୋଣିଆ ଆକାରରେ କାଟିଦେବେ । ଏବେ କଡ଼େଇରେ ଅଳ୍ପ ତେଲ ଦେଇ ସୋରିଷ ଏବଂ ଜିରା ପକାଇ ଫୁଟାଇ ଦିଅନ୍ତୁ । ଥଣ୍ଡା ହୋଇଯାଇଥିବା ଢୋକ୍‌ଲା ଉପରେ ଏହି ଫୁଟଣ ଭଲଭାବେ ଚାରିଆଡ଼େ ପକାଇଦେବେ । ବଳକା କଟା ଧନିଆପତ୍ର ଦେଇ ଏହାକୁ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚୁଡ଼ା ଢୋକ୍‌ଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସାମ୍ବିଧାନିକ ସହଭାଗିତା...

ସଂଘୀୟ ଏବଂ ବ୍ୟବସ୍ଥାରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତା ଅଞ୍ଚଳଗୁଡ଼ିକ ଭିତରେ ସାମ୍ବିଧାନିକ ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଇଥାଏ । କେନ୍ଦ୍ର ଓ ରାଜ୍ୟଗୁଡିକର ସହଯୋଗ ଓ ସହଭାଗିତା ବଳରେ ଦେଶର ସାମଗ୍ରିକ ବିକାଶ ପଥକୁ ଅଧିକ ବାଧାମୁକ୍ତ ଓ ସହଜ କରାଯାଇଥାଏ । ଜନକଲ୍ୟାଣ ରାଷ୍ଟ୍ରରେ ସରକାର ସବୁ କିଛି ବୋଲି ଗ୍ରହଣ କରିବା କେତେ ଯଥାର୍ଥ, ତାହା ବିଚାରର ଅପେକ୍ଷା ରଖେ। ସମାଜ ଓ ସରକାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ଭୌଗୋଳିକ, ରାଜନୈତିକ ଓ ସାମାଜିକ ସନ୍ତୁଳନ ରକ୍ଷା ଯେମିତି ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ଅପରିହାର୍ଯ୍ୟ, ଯେମିତି ରାଜ୍ୟ-ରାଜ୍ୟ ସହଯୋଗ ଜରୁରି। କିନ୍ତୁ ଆମ ଦେଶର କିଛି ରାଜ୍ୟ ଏହି ନୀତି ନିୟମକୁ ସବୁ ସମୟରେ ଅନୁପାଳନ କରୁ ନାହାଁନ୍ତି । କେନ୍ଦ୍ର ସରକାର ବୃହତର ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ବେଳେବେଳେ ହସ୍ତକ୍ଷେପ କରି ସମାଧାନର ରାସ୍ତା ବାହାର କରନ୍ତି । ମାତ୍ର ତାହା କେତେବେଳେ ସାମୟିକ ହୋଇଥାଏ ତ' କେତେବେଳେ ହୋଇନଥାଏ । ତାହା ମହାରାଷ୍ଟ୍ର-କର୍ଣ୍ଣାଟକ, ତାମିଲନାଡୁ -କର୍ଣ୍ଣାଟକ ହୋଇପାରେ, ଉତ୍ତର-ପୂର୍ବ କ୍ଷେତ୍ରର କୌଣସି ରାଜ୍ୟ କ୍ଷେତ୍ରରେ ହୋଇପାରେ । ଓଡ଼ିଶା ସହ ଲାଗି କରି ଥିବା ଛତିଶଗଡ଼, ବଙ୍ଗଳା ଭଳି ରାଜ୍ୟର ଜଳବିବାଦ ଓ ସୀମା ଜଟିଳତା ବର୍ଷ ବର୍ଷ ଧରି ଲାଗି ରହିଛି । ପଡୋଶୀ ଆନ୍ଧ୍ର ପ୍ରଦେଶର ପୋଲାଭରମ, ବଂଶଧାରା ବିବାଦ ବିଭିନ୍ନ ସମୟରେ ଆମ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଆସିଛି । କୋଟିଆ ଗ୍ରାମପୁଞ୍ଜ ନେଇ ମାମଲା ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଗଲାଣି । ଆନ୍ଧ୍ର ପ୍ରଦେଶ ସରକାର ଇତିମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟରୁ ଶକ୍ତ ଚପେଟାଘାତ ପାଇବା ପରେ ସୁଦ୍ଧା ତା'ର ଖୋଇ ଛାଡିନଥିବା ସମସ୍ତଙ୍କୁ ବିସ୍ମିତ କରିଛି । ଅଦାଲତ ଅବମାନନା ମାମଲା ଖାରଜ ପାଇଁ ଆନ୍ଧ୍ର କରିଥିବା ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିଦେଇଛନ୍ତି । ଯଦି ଆପୋସ ସମାଧାନ କରାନଯାଉଛି, ତେବେ ଓଡ଼ିଶା କରିଥିବା ଆବେଦନର ବିଚାର କରାଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଜଣାଇଦେବା ଗୁରୁତ୍ୱପୂର୍ଣ୍ଣ । ପରବର୍ତ୍ତୀ ଶୁଣାଣି ସକାଶେ ଜାନୁଆରୀ ପ୍ରଥମ ସପ୍ତାହ ଧାର୍ଯ୍ୟ କରାଯାଇଛି । ଲଗାତାର ବହୁ ବର୍ଷ କଞ୍ଚା ରଖୁବା ପରେ ଆନ୍ଧ୍ର ସରକାର କୋଟିଆ ମାମଲାକୁ ପୁଣି ଉଖାରି ଚାଲିଛି । କେତେବେଳେ ସରକାରୀ କର୍ମଚାରୀମାନଙ୍କୁ ପଠାଇ ଗ୍ରାମ ସର୍ଭେ କରୁଛି ତ' ଆଉ କେତେବେଳେ ଖେଳ କିଟ୍ ଓ ଚାଉଳ-ଗହମ ଦେଇ ଅଧିବାସୀଙ୍କ ମନ ଜିଣିବାକୁ ଚେଷ୍ଟା କରୁଛି । କୋଟିଆ ଓଡ଼ିଶାର ବୋଲି ଆମ ପକ୍ଷରୁ ଦାବି କରାଯାଉଥିବା ସଙ୍ଗେ ଅଯଥା କଣ୍ଟା ପକାଇ ଓଡ଼ିଶା ପାଇଁ ଚିନ୍ତା ବଢ଼ାଇ ଚାଲିଛି ଆନ୍ଧ୍ର । ବିବାଦର ସମାଧାନ ସକାଶେ ବାରମ୍ବାର ବୈଠକ ବସୁଛି । ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏହାରି ଭିତରେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା କରି ଫେରିଯାଇଛନ୍ତି । କିନ୍ତୁ ସରଜମିନ୍ ସ୍ଥିତି ଏବେ ବି ଜଟିଳ ରହିଛି । ପୋଲାଭରମ ସକାଶେ ଓଡ଼ିଶାର ସହଯୋଗ ଚାହୁଁଥିବା ଆନ୍ଧ୍ର କୋଟିଆ ଗ୍ରାମପୁଞ୍ଜରେ ଯାବତୀୟ ଫେବକାମି କରୁଛି, ଏହାକୁ କେଉଁ ଭାବରେ ଓଡ଼ିଶା ହଜମ କରିନେବ ? ସୁପ୍ରିମ କୋର୍ଟ ପକ୍ଷରୁ ଛାଟ ଖାଇବା ପରେ ଆନ୍ଧ୍ରର ଚେତା ପଶି ନାହିଁ । ଆନ୍ଧ୍ର କର୍ମଚାରୀମାନେ ଅନୁପ୍ରବେଶ କରି କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଖେଳ ସାମଗ୍ରୀ ବିତରଣ କରି ଯାଇଛନ୍ତି । ଏହା ପୂର୍ବରୁ ଭୋଟର ତାଲିକାରେ ନାମ ଯୋଡ଼ାଯିବା ଭଳି ଅସାମ୍ବିଧାନିକ କାର୍ଯ୍ୟ କରି ଏବଂ ସ୍ଥାନୀୟ ପ୍ରତିନିଧି ନିର୍ବାଚନରେ ଲୋକମାନଙ୍କୁ ଜଡ଼ିତ କରି ଦେଖାଇବାକୁ ଅପଚେଷ୍ଟା କରାଯାଉଛି କି, କୋଟିଆ ଓଡ଼ିଶାର ନୁହେଁ, ଆନ୍ଧ୍ରର । ଏହା କେତେଦୂର ଗ୍ରହଣୀୟ, ତାହା ବିଚାର କରାଯିବାର କଥା କେନ୍ଦ୍ର ସରକାର ଏ ବାବଦରେ ଅଧିକ କଠୋର ନୀତି ଗ୍ରହଣ କରିବା ସକାଶେ ଦାବି କରାଯାଉଛି । ପୋଲାଭରମକୁ କେନ୍ଦ୍ର ସରକାର ଜାତୀୟ ପ୍ରକଳ୍ପ ଘୋଷଣା କରିଦେବା ପରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ତେଣୁ କେନ୍ଦ୍ର ମଧ୍ୟ ତାହାର ଆଭିମୁଖ୍ୟରେ ପରିବର୍ତ୍ତନ କରି ଉଭୟ ରାଜ୍ୟର ସ୍ୱାର୍ଥକୁ ପ୍ରାଥମିକତା ଭିତରେ ଦୃଷ୍ଟି ଦେଲେ ହିଁ ଯାହା କିଛି ନ୍ୟାୟ ଆଶା କରିହେବ । ସେଥିରେ କାଳ ବିଳମ୍ବ ହେଲେ ଆନ୍ଧ୍ର ସରକାରଙ୍କ ପୁରୁଣା ଖୋଇ ବଦଳିବ ବୋଲି ଭାବିବା ଦୁରାଶା ମାତ୍ର ।



**ବୈଷ୍ଣବ ମେହେର**

# ସଚେତନତା ହିଁ ଏଡ଼ସରୁ ସୁରକ୍ଷା ଦେବ

ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନସି ସିଣ୍ଡୋମ (ଏଡ଼ସ୍ ) ବା ଅର୍ଜିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସକାରୀ ଲକ୍ଷଣ ସମୂହ, ଅତ୍ୟାଧୁନିକ ବିଶ୍ୱର ଅନ୍ୟତମ ଘାତକ ମହାମାରୀ ଭାବରେ ଉଭା ହୋଇଛି । ଏଚଆଇଭି ଅର୍ଥାତ୍ ହ୍ୟୁମାନ ଇମ୍ୟୁନୋଡ଼େଫିସିଏନସି ଭାଇରସ୍ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗରୁ ବଂଚି ରହିବାକୁ ହେଲେ ମଣିଷକୁ ସଚେତନ, ସତର୍କତା ଓ ଆତ୍ମସଂଯମତା ରଖିବା ନିତାନ୍ତ ଜରୁରୀ ।

ଯେକୌଣସି ବୟସର ବ୍ୟକ୍ତିଙ୍କୁ ଏଚଆଇଭି ଆକ୍ରାନ୍ତ କରିପାରେ । ଏହା ଯୋଗୁଁ ମଣିଷ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଗୁରୁତ୍ୱର ଭାବରେ ସଂକ୍ରମଣର ଶିକାର ହୋଇଥାଏ । ଯାହା ଫଳରେ ଶରୀର ସାଧାରଣ ରୋଗ ଗୁଡ଼ିକୁ ମଧ୍ୟ ପ୍ରତିରୋଧ କରି ପରୁ ନଥିବାରୁ ଏଚଆଇଭି ସଂକ୍ରମିତ ରୋଗୀ ପ୍ରାୟତଃ ମୃତ୍ୟୁମୁଖରେ ପଡ଼ିଥାଏ । ଅବଶ୍ୟ ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଉନ୍ନତି ପରେ ଏଚଆଇଭି ପୀଡ଼ିତଙ୍କ ମୃତ୍ୟୁ ଆଶଙ୍କାକୁ କିଛିକାଂଶରେ କମା ଯାଇ ପାରିଛି । କିନ୍ତୁ ଏଡସ୍‌ର ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର ନହେବା, ଏହି ରୋଗ ପ୍ରତି ରହିଥିବା ଭୟାବହତକୁ ଆଜିଯାଏଁ ବଳବତ୍ତର ରଖିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଗତବର୍ଷ ସୁଦ୍ଧା ବିଶ୍ୱରେ ୪ କୋଟିରୁ ଅଧିକ ଲୋକ ଏଚଆଇଭି ଏଡସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ସେଥି ମଧ୍ୟରୁ ୨୧ ଲକ୍ଷରୁ ଅଧିକ ସଂଖ୍ୟକ କିଶୋର ରହିଥିବା ନିଶ୍ଚିତ ଉଦବେଗର ବିଷୟ । ମୁଖ୍ୟତଃ ଅସୁରକ୍ଷିତ ଯୌନ ସଂପର୍କ ଯୋଗୁଁ ଏଡସ୍ ସଂକ୍ରମଣ ବୃଦ୍ଧି ଘଟୁଥିବା ବେଳେ ଡ୍ରଗ୍ସ ଭଳି ବିଭିନ୍ନ ମାରାତ୍ମକ ନିଶା ସେବନ କରି କମ ବୟସର ପିଲାମାନେ ଏଭଳି ଯୌନ ସଂପର୍କ ଭିତରକୁ ଠେଲି ହୋଇ ଯାଉଥିବାରୁ ସେମାନେ ସହଜରେ ଏଡସ୍‌ର ଜାଳରେ ଛନ୍ଦି ହୋଇ ଯାଉଛନ୍ତି ।

ଅସୁରକ୍ଷିତ ଯୌନ ସଂପର୍କ ବ୍ୟତିତ ଆହୁରି ଅନେକ ମାଧ୍ୟମରେ ଏଚଆଇଭି ଜଣେ ବ୍ୟକ୍ତି ଠାରୁ ଅନ୍ୟ ଜଣଙ୍କ ପାଖକୁ ସଂକ୍ରମିତ ହୋଇପାରେ । ସଂକ୍ରମିତ ରକ୍ତ ନେବା, ଇଞ୍ଜେକସନ ନେବା ବେଳେ ସଂକ୍ରମିତ ଛୁଂଚିର ବ୍ୟବହାର, ସେଭିଂ କଲା ବେଳେ ସଂକ୍ରମିତ ବ୍ଲେଡ଼ର ବ୍ୟବହାର, ସଂକ୍ରମିତ ମହିଳା ଶିଶୁକୁ ସ୍ତନପାନ କରାଇବା ଆଦି ଦ୍ୱାରା ମଧ୍ୟ ଏଡସ୍ ସଂକ୍ରମିତ ହୋଇଥାଏ । ସେଥି ଯୋଗୁଁ ଏଚଆଇଭି ସଂକ୍ରମଣକୁ ଏଡ଼ାଇବା ପାଇଁ ସୁରକ୍ଷିତ ଯୌନ ସଂପର୍କ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଥିସହ ଇଞ୍ଜେକସନ୍ ନେବା ବେଳେ, ରକ୍ତ ନେବା କିମ୍ବା ଦେବା ବେଳେ ଏସବୁ



ଦିଗରେ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ବିଧେୟ । ଏକ ତଥ୍ୟ ଅନୁସାରେ ବିଶ୍ୱରେ ପ୍ରତିଦିନ କେବଳ ୯୮୦ ଜଣ ଶିଶୁ ଏଚଆଇଭି ଭାଇରସର ଶିକାର ହୋଇଥାନ୍ତି ଏବଂ ସେଥି ମଧ୍ୟରୁ ୩୨୦ ଜଣଙ୍କର ମୃତ୍ୟୁ ହୋଇଯାଇଥାଏ । ବର୍ତ୍ତମାନ ଯୁଗର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଏଡସ ଅନ୍ୟତମ ହୋଇଥିବାରୁ ଏହି ମାରାତ୍ମକ ରୋଗ ସଂପର୍କରେ ଲୋକଙ୍କୁ ସହଜରେ ଅବଗତ ଓ ସଚେତନ କରାଯାଇ ଏଡସ୍ ପୀଡ଼ିତ ଲୋକଙ୍କୁ ଅନ୍ୟ ସାଧାରଣ ମଣିଷଙ୍କ ପରି ଜୀବନ ବିତାଇବାକୁ ସୁଯୋଗ ଦେବା ପାଇଁ ୧୯୮୮ ମସିହା ଠାରୁ ପ୍ରତ୍ୟେକ ବର୍ଷ ଡିସେମ୍ବର ୧କୁ ଅନ୍ତର୍ଜାତିକ ଏଡସ୍ ଦିବସ ଭାବରେ ପାଳନ କରାଯାଇ ଆସୁଛି ।

୧୯୮୬ ମସିହାରେ ଆମ ଦେଶରେ ପ୍ରଥମ ଏଡ଼ସ୍ ରୋଗୀର ଚିହ୍ନଟ ପରେ ଏହି ରୋଗ ପ୍ରତି ସତର୍କତା ଓ ପ୍ରତିକାର ବ୍ୟବସ୍ଥା ନେଇ ଜନସଚେତନତା ବୃଦ୍ଧି ପାଇବାରେ ଲାଗିଲା । ଏଚଆଇଭି ସଂକ୍ରମିତ ସଂଖ୍ୟା ଦୃଷ୍ଟିରୁ ୧୩.୩୩୯% ସହ ଦକ୍ଷିଣ ଆଫ୍ରିକା ବିଶ୍ୱରେ ପ୍ରଥମ ଓ ୭.୬୪୬% ସହ ମୋଜାମ୍ବିକ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ୦.୧୬୪% ସହ ଭାରତ ତୃତୀୟ ସ୍ଥାନରେ ରହିଥିବା ଜଣାଯାଏ । ୨୦୦୨ ମସିହାରୁ ୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ ପ୍ରାୟ ୫୨,୦୬୭ ଏଡ଼ସ୍ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି । କେବଳ ୨୦୨୦ରେ ୨୯୬୩ ଜଣ ନୂଆଁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ତେବେ ଆସନ୍ତା ୨୦୩୦ ସୁଦ୍ଧା ଓଡ଼ିଶାକୁ ଏଡ଼ସ୍ ମୁକ୍ତ କରିବାକୁ ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତି ପ୍ରୟାସ ଜାରି ରଖିଥିବା ନିଶ୍ଚିତ ଏକ ସାଧୁ ଉଦ୍ୟମ ବୋଲି କୁହାଯିବ । ତେବେ ସାଧାରଣ ଲୋକେ ଏ ଦିଗରେ ସଚେତନ ହେଲେ ହିଁ ଏଡ଼ସ୍ ନିୟନ୍ତ୍ରଣ ସମିତିର ଏହି ମହତ ପ୍ରୟାସ ଅଚିରେ ସଫଳ ହୋଇ ପାରିବ । ଏକ ରିପୋର୍ଟ ଅନୁଯାୟୀ ଆମ ରାଜ୍ୟର ଏଚଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କ ମଧ୍ୟରେ ୨୫ରୁ ୪୯ ବର୍ଷର ବ୍ୟକ୍ତି ସର୍ବାଧିକ ରହିଛନ୍ତି । ୨୫,୨୭୨ ଜଣ ପୁରୁଷ ଓ ୧୨,୨୮୭ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୩୭,୫୫୯ ଅର୍ଥାତ ମୋଟ ଆକ୍ରାନ୍ତଙ୍କ ୭୬ ପ୍ରତିଶତ ବ୍ୟକ୍ତି ଏହି ବୟସର ରହିଛନ୍ତି । ୫୦ ବର୍ଷରୁ ଅଧିକ ୩୫୬୭ ଅର୍ଥାତ ୭ ପ୍ରତିଶତ, ୧୫ ରୁ ୨୪ ବର୍ଷର ୪୬୭୯ ଅର୍ଥାତ ୧୦ ପ୍ରତିଶତ ଓ ୧୪ ବର୍ଷରୁ କମ୍ ମଧ୍ୟ ୭ ପ୍ରତିଶତ ସଂକ୍ରମିତ ବ୍ୟକ୍ତି ରହିଥିବା ଜଣାପଡ଼ିଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଏହି ସମୁଦାୟ ଏଚଆଇଭି ସଂକ୍ରମିତଙ୍କ ମଧ୍ୟରୁ ୮୮ ପ୍ରତିଶତ ଅର୍ଥାତ ୪୩,୨୪୫ ବ୍ୟକ୍ତି ଅସୁରକ୍ଷିତ ଯୌନ ସଂପର୍କ କାରଣରୁ ଏହି ମହାମାରୀର ଶିକାର ହୋଇଛନ୍ତି । ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରୁ ସଂକ୍ରମିତ ରକ୍ତ ଯୋଗୁଁ ୬୭୨ ଜଣ, ସଂକ୍ରମିତ ଛୁଂଚି ଓ ସିରିଞ୍ଜ ଯୋଗୁଁ ୭୩୧ ଜଣ ଏଡ଼ସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି ।

ଏକମାତ୍ର ସଚେତନତା ହିଁ ଏଡ଼ସ୍ ରୋଗରୁ ବର୍ତ୍ତିବାର ମୁଖ୍ୟ ଉପାୟ ହୋଇଥିଲେ ମଧ୍ୟ ଲୋକ ଲଜ୍ୟା କାରଣରୁ ଅନେକ ଏଡ଼ସ୍ ସଂକ୍ରମିତ ନିଜ ଚିକିତ୍ସା କରାଇବାକୁ କୁଣ୍ଠାବୋଧ କରିଥାନ୍ତି । ଏହା ବ୍ୟତିତ ସାମାଜିକ ଭେଦଭାବ, ସଂପର୍କିୟଙ୍କ ସହଯୋଗର ଅଭାବ ତଥା ହୀନମାନ୍ୟତା ଆଦି କାରଣରୁ ଅନେକ ବ୍ୟକ୍ତି ନିଜ ରୋଗ ସଂପର୍କରେ କାହାରିକୁ ଜଣାଉ ନଥିବାରୁ ଏହା ଧିରେଧିରେ ଘାତକ ସାବ୍ୟସ୍ତ ହୋଇଥାଏ । ତେଣୁ ନିଜ ଭୁଲ ପାଇଁ ଘରେ ବସି ପଶ୍ଚାତାପ ନକରି କିମ୍ବା ଭାଙ୍ଗି ନପଡ଼ି ଉଚିତ ସମୟରେ ଏଡ଼ସ୍ ରୋଗର ଚିକିତ୍ସା କରାଇପାରିଲେ ଅନେକ ମୂଲ୍ୟବାନ ଜୀବନ ବଂଚିଯିବା ସହ ଏହା ସମଗ୍ର ମାନବ ସମାଜ ନିମିତ୍ତ ଶୁଭପ୍ରଦ ହେବ ।

♥ ସିନାପାଲି, ନୂଆପଡ଼ା



**ଅମୂଲ୍ୟ କୁମାର ପଣ୍ଡା**

# ଭିନ୍ନ ରୁଚିର ଗାଳ୍ପିକ ତଥା ନାଟ୍ୟକାର ପ୍ରାଣବନ୍ଧୁ କର

ପ୍ରାଣବନ୍ଧୁ କର ୧୯୧୪ ମସିହା ଡିସେମ୍ବର ମାସ ୧ ତାରିଖରେ କଟକ ଜିଲ୍ଲାର ବାଙ୍କୀ ଅନ୍ତର୍ଗତ ଡ଼ମପଡାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଚିନ୍ତାମଣି କର ଜଣେ ଶିକ୍ଷକ ଥିଲେ । ଛାତ୍ରାବସ୍ଥାରୁ ଲେଖା ଲେଖି ସହ ଜଡ଼ିତ ଥିଲେ । ଅଧିକ ଲେଖାଲେଖି କରିବା ପାଇଁ, ତାଙ୍କ ଶିକ୍ଷକ ମାନେ ତାଙ୍କୁ ଉତ୍ସାହିତ କରିଥିଲେ । ସ୍ନାତକ ଉତ୍ତୀର୍ଣ୍ଣ ହେବାପରେ, ସେ ସଚିବାଳୟରେ ଜଣେ କିରାଣୀ ଭାବରେ କାର୍ଯ୍ୟାରମ୍ଭ କରିଥିଲେ । ସେଥିରେ ମନ ନଲାଗିବାରୁ, ସେ ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ଘରୋଇ ଭାବରେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶିକ୍ଷାଲାଭ କରି, ସେ ଅଧାପକ ପାଲଟିଥିଲେ । ଶିକ୍ଷା ବିଭାଗର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ, ରେଭେନ୍ସା ମହାବିଦ୍ୟାଳୟରେ, ତାଙ୍କ ଚାକିରି ଜୀବନ ଶେଷ ହୋଇଥିଲା । ସେ ଓଡ଼ିଆ ଭାଷା ସାହିତ୍ୟର ଓ ଶିକ୍ଷକ-ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧାପକ ଭାବରେ କାମ ଆରମ୍ଭ କରିଥଲେ । ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ସହିତ ମଧ ଜଡ଼ିତ ଥିଲେ । ପ୍ରାଣବନ୍ଧୁ କର ଏକାଧାରରେ ଜଣେ ଅଧାପକ, ଓଡ଼ିଆ କବି, ଗାଳ୍ପିକ ଓ ନାଟ୍ୟକାର ଥିଲେ । ତାଙ୍କ ରଚିତ କେତେକ ଜଣାଶୁଣା ରଚନା ମଧରେ ଅଶାନ୍ତ, ଶ୍ୱେତପଦ୍ମା ଆଦି ନାଟକ, ଦୂରପାହାଡ଼ ଓ ପେଟୁ ଏକାଙ୍କିକା, ଷଣ୍ଢ ଲଢେଇ ଓ ସୁଅ ମୁହଁରେ ପଥର ଆଦି ଗଳ୍ପ ଅନ୍ୟତମ । କର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ, ଫକୀରମୋହନଙ୍କ ମାମୁ, ପ୍ରାୟଶ୍ଚିତ, ଛ ମାଣ ଆଠ ଗୁଣ୍ଠ, ହରେକୃଷ୍ଣ ମହତାବଙ୍କ ଟାଉଟର ଓ ଫତୁରାନନ୍ଦଙ୍କ ନାକଟା ଚିତ୍ରକରର ନାଟ୍ୟରୂପ ଦେଇଥିଲେ । ତାଙ୍କର ଅଶାନ୍ତ ନାଟକ ନିମନ୍ତେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସ୍ନାୟୁ ସଂହାର ନାଟକ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନୀତ ।



ଆମର ସହରଗୁଡ଼ିକରେ ରାସ୍ତା ଅବରୋଧ କରି ଶୋଇଥିବା ଷଣ୍ଢର ଦୃଶ୍ୟ ଆମ ଆଖିରେ ଗତାନୁଗତିକ ହେଲେ କ'ଣ ହେଲା, ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ଏ ଦୃଶ୍ୟ କୌତୂହଳପ୍ରଦ। ତେଣୁ ବିଦେଶୀ ଭ୍ରମଣ ଗାଇଡ୍ ଗୁଡ଼ିକରେ ଏ ଘଟଣାର ସବିଶେଷ ବିବରଣୀ ଦେବାକୁ ଲେଖକମାନେ ଭୁଲନ୍ତି ନାହିଁ। ଆଉ ପଥିକ ତା'ର ଯାତ୍ରାରୁ ସାମୟିକ ବିରତି ନେଇ ଷଣ୍ଢ ଲଢ଼େଇର ଦୃଶ୍ୟକୁ ଉପଭୋଗ କରୁଥିବା କଥାକୁ ସେମାନେ ପର୍ଯ୍ୟଟନର ଗୋଟିଏ ରୋଚକ ଅଙ୍ଗ ବୋଲି ଭାବନ୍ତି। ଦୁଇଟି କ୍ରୁଦ୍ଧ ପ୍ରାଣୀ ଭିତରେ ଏ ଖଣ୍ଡଯୁଦ୍ଧ ଯେ କେତେ ଆମୋଦଦାୟକ, ତାହା ଓଡ଼ିଶାର ବିଶିଷ୍ଟ ଲେଖକ ପ୍ରାଣବନ୍ଧୁ କର ତାଙ୍କ 'ଷଣ୍ଢ ଲଢ଼େଇ' କ୍ଷୁଦ୍ର ଗଳ୍ପରେ ବର୍ଣ୍ଣନା କରିଯାଇଛନ୍ତି। ସେହି ପ୍ରିୟ କ୍ଷୁଦ୍ରଗଳ୍ପ ଅନୁସାରେ - କଟକର ପ୍ରସିଦ୍ଧ ଡାକ୍ତର ପ୍ରଫେସର ସୁରେନ୍ଦ୍ର ପାଢ଼ୀ ଅବସର ନେଲା ପରେ କଟକ ଛାଡ଼ି ଭୁବନେଶ୍ୱରରେ ବସବାସ କରୁଛନ୍ତି; ହେଲେ ଭୁବନେଶ୍ୱର ରାସ୍ତାରେ କଟକ ଭଳି ଷଣ୍ଢ ଲଢ଼େଇ ଦେଖିବାକୁ ନ ପାଇ ସେ ଦୁଃଖରେ କାଳାତିପାତ କରୁଛନ୍ତି। 'ତାଙ୍କ ଶୈଶବ, କୈଶୋର ଓ ଯୌବନର ସବୁଠୁ ବଡ଼ ଆଗ୍ରହ ଓ କୌତୂହଳ ହେଲା ଷଣ୍ଢ ଲଢ଼େଇ ଦେଖିବା। ତାଙ୍କ ପରିଣତ ବୟସରେ ବି ଯୋଉଠି ଷଣ୍ଢ ଲଢ଼େଇ ଦେଖିବେ, ସେଠି ସେ ତାଙ୍କ କାର୍‌ଟାକୁ ରାସ୍ତା କଡ଼ରେ ରଖି ଦେଇ ଭିଡ଼ ଭିତରେ ପଶିବେ ଓ ପାଟିରେ ହାତ ମାରି 'ଆବା' 'ଆବା' କହିବେ।' ଶେଷରେ ଷଣ୍ଢ ଲଢ଼େଇ ବିନା ହତାଶ ଅନୁଭବ କରୁଥିବା ଡାକ୍ତର ପାଢ଼ୀ ଭୁବନେଶ୍ୱର ରାଜରାସ୍ତାରେ ସ୍ୱାମୀ-ସ୍ତ୍ରୀ ମଧରେ ଘମାଘୋଟ ଲଢ଼େଇ ଦେଖି ନିଜର ଆଶାକୁ ଚରିତାର୍ଥ କରିଛନ୍ତି। ତାଙ୍କ ରଚିତ ସମସ୍ତ ଗଳ୍ପ ଖୁବ୍ ହୃଦୟସ୍ପର୍ଶୀ ଆଉ ଲୋକାଦୃତ।

ଏତଦଭିନ୍ନ ପ୍ରାଣବନ୍ଧୁ କର ଶତାଧିକ କ୍ଷୁଦ୍ରଗଳ୍ପ, ଏକାଙ୍କିକା ଓ ନାଟକ ରଚନା କରିଯାଇଛନ୍ତି । ତାଙ୍କ ରଚିତ ନାଟକ ମଧରେ ଅଶାନ୍ତ, ଶ୍ୱେତପଦ୍ମା, ସ୍ନାୟୁ ସଂହାର, ଏକ ମାଟି ଓ ଅନେକ ଆକାଶ ଖୁବ୍ ଲୋକପ୍ରିୟ। ଏକାଙ୍କିକା ମଧରେ ଦୂରପାହାଡ଼ ଓ ପେଟୁ ଖୁବ୍ ଲୋକାଦୃତ। ତାଙ୍କ ରଚିତ ଗଳ୍ପ ଗୁଡିକ ହେଲା ସୁଅ ମୁହଁରେ ପଥର, ନିଶୀଥର ପ୍ରେତାତ୍ମା, ଷଣ୍ଢ ଲଢ଼େଇ, ମଶା, ରାଣୀ, ପଦ୍ମା, ସେମାନେ ବି ତ ମଣିଷ, ଏ ପୃଥିବୀ ନୁହେଁ ଇତ୍ୟାଦି ଇତ୍ୟାଦି। ତାଙ୍କର ଏହି ମୂଲ୍ୟବାନ ରଚନା ପାଇଁ ସେ ବହୁତ ସମ୍ମାନ ଓ ପୁରସ୍କାର ମଧ ପାଇଥିଲେ। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ ଭଳି ମୂଲ୍ୟବାନ ସମ୍ମାନ ରେ ସମ୍ମାନିତ ହୋଇଥିଲେ। ଏହି ମହାନ ସାରସ୍ୱତ ସାଧକ ୧୯୯୮ ମସିହା ମାର୍ଚ୍ଚ ୩୦ ତାରିଖରେ ଇହଲିଳା ସମ୍ବରଣ କରିଥିଲେ ।

♥ ଅରଙ୍ଗାବାଦ ବରୀ
ଯାଜପୁର
(ମୋ) ୯୯୩୮୯୦୬୦୭୦






## ସଦାଶିବ ଶରଣମ୍
### ଅମରନାଥ ବାରିକ୍

ତୁମେ ଆଶୁତୋଷ ବାବା ନୀଳକଣ୍ଠ
ବିଷପାନ କଲ ସଂସାର ପାଇଁ
କି ମାୟା ରଚିଲ ଆହେ ବିଶ୍ୱନାଥ
ମାନବ ସମାଜ କଲ୍ୟାଣ ଚାହିଁ ।

ଦେଲ ତୁମ ଅସ୍ତ୍ର ସଂଘାର ନିମନ୍ତେ
ଜନନୀ ଅମ୍ବିକା ଦଶଭୁଜାଙ୍କୁ
ମାତା ପାର୍ବତୀଙ୍କ ପୋଛି ଅଶ୍ରୁଧାର
ଯୋଡ଼ିଲ ଗଣେଶ କଟା ମୁଣ୍ଡକୁ ।

ତାଣ୍ଡବ ରଚିଲ ଆହେ ତ୍ରିପୁରାରୀ
କୁଣ୍ଡରୁ ସତୀଙ୍କୁ ସଙ୍ଗରେ ଧରି
ଦେଖାଇଲ ରୂପ ଜଟାଜୁଟ ଖୋଲି
ହାତରେ ଡମ୍ବରୁ ବାଦନ କରି ।

ପ୍ରକମ୍ପିତ କଲ ତ୍ରିପୁରକୁ ତୁମେ
ଭୟଭୀତ ହେଲେ ଦେବତାଗଣ
ବିଷ୍ଣୁ ଭଗବାନ ସୁଦର୍ଶନ ଚକ୍ରେ
ସତୀଙ୍କ ଦେହକୁ କଲେ ଛେଦନ ।

ସୁମରଣା କଲେ ଛୋଟା ଅନ୍ଧ କାଲ
ପ୍ରାପତ ଚରଣ ନୟନ କର୍ଣ୍ଣ
ପଥ ଚାଲିଯାଇ ତ୍ରିନାଥମେଳା ଯେ
ଦେଖିଲେ ଶୁଣିଲେ ହୋଇଲେ ଧନ୍ୟ ।

କି ଲୀଳା ବର୍ଣ୍ଣିବି ତୁମେ ଲୀଳାମୟ
ଭାବର ଠାକୁର ପତିତନାଥ
ତୁମ ପାଦ ପୂଜେ ଦିନ ଅକୀଞ୍ଚନ
ଅରକ୍ଷିତ ଏହି ଅମରନାଥ ।

♥ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
(ମୋ)୯୫୪୦୩୦୮୦୯୫

## ଅଳକା ସାନ୍ୟାଲ
### ସ୍ୱାଗତ ମିଶ୍ର



ତୁମେ ଅଳକା ସାନ୍ୟାଲ,
ତୁମକୁ ମୁଁ ପଢ଼ିବା ପରେ
ପ୍ରେମ କରେ, ଭଲପାଇ ବସେ
ସଚ୍ଚିବାବୁ ଏବଂ
ଗୁରୁବାବୁଙ୍କ ଲେଖାରେ,
ତୁମେ ଆସି ଉଭା ହୁଅ ପୁଣିଥରେ
ମୋହରି ସାମ୍ନାରେ ।
କେବଳ ଆଜି ନୁହେଁ
ତୁମକୁ ଭେଟିଛି ବହୁବାର ଅତୀତରେ
ମାନସ ଚକ୍ଷୁରେ, ସ୍ୱପ୍ନ ଇଲାକାରେ
ଏବେ ତୁମ ସହ ନୀତି ଦେଖା ହୁଏ
ସାମାଜିକ ଗଣମାଧ୍ୟମରେ ।
ତୁମେ ଅଳକା ସାନ୍ୟାଲ,
ତୁମକୁ ମୁଁ ଖୋଜିବୁଲେ
ବାଣୀବିହାର,
ଭଂଜବିହାର ଓ ଜ୍ୟୋତିବିହାରରେ,
ସବୁଠି ଅନୁଭବ କରେ ତୁମ ଉପସ୍ଥିତି
ଚାଲୁଥାଅ ଅବା ତୁମେ ମୋ ସାମ୍ନାରେ।
ନିର୍ବାଚନ ଋତୁ ଆସିଲେ ପାଖେଇ
କ୍ୟାମ୍ପସ୍ ପରିସର
ହୋଇଉଠେ ଚଳଚଞ୍ଚଳ,
ତୁମେଥାଅ ସବୁରି ଚର୍ଚ୍ଚାର ବିଷୟ
ସବୁ ଆଲୋଚନାର ପ୍ରଥମ କାରଣ
ତୁମ ପଛେ ବୁଲୁଥାନ୍ତି
ସବୁ ହୋଇ ଦଳଦଳ ।
ତୁମେ ନିର୍ବାଚନ ଲଢ଼ି ବିଜୟ ଲାଭ କର
ପ୍ରତିଶ୍ରୁତି ରହିଯାଏ ପ୍ରତିଶ୍ରୁତି ହୋଇ
ହେଲେ ତୁମେ କ୍ଲବକୁ ଯାଇ ଲେଟ୍
ନାଇଟ୍ ପାର୍ଟିରୁ ଫେର ।
ତୁମେ ଅଳକା ସାନ୍ୟାଲ,
ତୁମକୁ ମୁଁ ଦେଖିନି କେବେଠାରୁ
ତୁମେ କ'ଣ ଅନ୍ତର୍ଦ୍ଧାନ
ହୋଇଗଲ ପୃଥିବୀ ପୃଷ୍ଠରୁ ?
କରୋନାର କଳଫାଶରେ
ତୁମେ ହୋଇଥିଲ କବଳିତ
ନିଜ ପରିବାରକୁ କରି ଉପେକ୍ଷିତ,
ଦୁଃଖୀର ଆଖିରୁ ପୋଛି ଲୋତକ
ଅନେକ ଅସହାୟଙ୍କୁ କଲ ଜୀବିତ,
ବିଭିନ୍ନ ସଭାସମିତିରୁ ହୁଅ ପୁରସ୍କୃତ
ନେତା ଠାରୁ ମନ୍ତ୍ରୀଯାଏଁ
କରନ୍ତି ସମ୍ମାନିତ ।
ଦିନେ ସମୟ ତୁମଠାରୁ
ସବୁ ଛଡ଼େଇ ନେଇ
କରିଦେଇଥିଲା ନିସ୍ୱ
କେବେ ଦେଖିନି ତୁମେ
ଆଖିରେ ଟୋପାଏ ଲୁହ
ମୁଖେ ଫୁଟୁଥାଏ ସଦା ହସ ।
ତୁମେ ଅଳକା ସାନ୍ୟାଲ,
ଏବେ ସମାଜ ଲାଗୁଛି ଟିକେ ଆଶ୍ୱସ୍ତ
ତଥାପି ମହାମାରୀ ଛାଡ଼ିନି ଏ ଜଗତ,
ଭାଙ୍ଗି ଯାଇଥିବା ମେରୁଦଣ୍ଡକୁ ଶଳଖି
ବଞ୍ଚିବାକୁ ଚେଷ୍ଟା କରୁଛି ମାନବ,
ହରାଇଛି ଯେତେ ରକ୍ତ ସମ୍ପର୍କକୁ
ଆଉ କି ସେ ଫେରି ପାଇବ ?
ଏବେ ସବୁରି ନିକଟେ
ତୁମେ ପରିଚିତ ଚେହେରା
ତୁମକୁ ବନାଇ ମୋହରା,
ତରୀବାକୁ ନିର୍ବାଚନ ବୈତରଣୀ
କେତେ ଦଳରୁ ଆସଇ ଡାକରା ।
ଆଜିର ନୀତିହୀନ
ରାଜନୀତିକୁ ପରିତ୍ୟାଗ କରି
ଅମଡ଼ାବାଟରେ ଚାଲିଛ
ଏକା ସ୍ୱଧର୍ମକୁ ଧରି ।
ତୁମେ ଅଳକା ସାନ୍ୟାଲ,
ମଦର ଟେରେସାଙ୍କ ପରି ସେବା କରୁଛ
ଲକ୍ଷ୍ମୀବାଇ ସାଜି ଯୁଦ୍ଧ କରି ଚାଲିଛ,
ତୁମ ଜୀବନର ପ୍ରତିକୂଳ ପରିବେଶରେ
ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ।
ଲାଗେ ତୁମ ଆଗେ
ହାର ମାନିଛି ବୟସ,
ସତେ କି ତୁମ ସାମ୍ନାରେ
ଠିଆ ହେବା ପାଇଁ
କାଳର ବି ନାହିଁ ସାହାସ ।
କରୁଛୁ ଆମେ ଶପଥ,
ତୁମ କର୍ତ୍ତବ୍ୟ ପଥରେ ଆଗେଇ ଯିବୁ
ସେବାଧର୍ମକୁ କରି
ଆମ ଜୀବନର ବ୍ରତ।

♥ ପଦ୍ମାଦେଈପୁର, ନୟାଗଡ଼
(ମୋ) ୯୯୩୮୭୬୧୨୨୪

## ମଗୁଶିରରେ ଚାଷୀ
### ପ୍ରଫୁଲ୍ଲ ବାରିକ



ଘରଣୀ ଲେଖିଛି
ଯୋଡି ଲକ୍ଷ୍ମୀପାଦ
ମହମହ ଝୁଣା
ଅଗରୁର ବାସ୍ନା
ଖଟୁଲିରେ ବିରାଜିତା ମାଆ
ନାଲିଛିଟ ନବବସ୍ତ୍ର
କେରିକେରି ଧାନବେଣୀ ।

ବିଲରେ ପାଚିଲା ଧାନ
ହଳଦୀ ବର୍ଣ୍ଣର
କେଶବ ମନରେ ଉତ୍ତାଳ ଜୁଆର
ତା ଝାଳ ଫଳିଛି
ପେନ୍ଥା ପେନ୍ଥା ଧାନଶିଶା ହେଇ
ମାଟି ମାଆର ଅନୁକୁଟି ଆଶିଷ
ଏସନ ଖାଇ ବିକି
କମେଇବ କିଛି
ସୁଝି ହେବ
ସୋସାଇଟି ଲୋନ ।

ସଞ୍ଜକୁ ସମ୍ବାଦ
ଟିଭିରୁ ଶୁଭୁଚି ଘନ ଘନ
ଡବଲ ଲଘୁଚାପ
ଆସୁଛି ଆଣ୍ଡାମାନରୁ
ବର୍ଷିବ ନିର୍ଘୁମ ।

କେଶବ ବସିଛି
ମାଣଖିରି ଧରି
ଯାଉନି ପାଟିକୁ
ଆକାଶରେ ଆଖି
ଦରାଣ୍ଡୁଚି
ମେଘଙ୍କ ବାଦଲ
କେତେଦୂର ଆଣ୍ଡାମାନ ଏଠୁ ?

ଖଟୁଲିରେ ମାଆ
ହସୁଛନ୍ତି ମୁରୁକି ମୁରୁକି ।

♥ ଚନ୍ଦନବିନ୍ଧା, ଚାନ୍ଦବାଲି ଭଦ୍ରକ
(ମୋ)୯୨୩୮୯୨୦୪୦୫.

୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ବୁଧବାର, ଡିସେମ୍ବର ୦୧, ୨୦୨୦

# ହେପାଟାଇଟିସ୍-ବି ମୁକ୍ତ ଭାରତ

୨୦୨୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮ କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି । ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ । ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ ।



ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା । ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ବି ଦ୍ୱାରା ଆକ୍ରାନ୍ତ । ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ଏହା ୧୪ ଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ୍-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ । ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ ଓ ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଅନେକଙ୍କ ଧାରଣା ରହିଛି ଯେ, ହେପାଟାଇଟିସ୍ଠାରୁ



ଏଡ୍ସ ଅତ୍ୟନ୍ତ ଭୟାବହ । ସତକଥା ହେଉଛି, ପ୍ରତିବର୍ଷ ଏଡ୍ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ । ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି । ୨୦୧୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା । ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା । କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮ କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା । ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ।

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି । ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ । ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ । ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଣ୍ଟ ବ୍ୟତୀତ ଅନ୍ୟ ଉପାୟ ନାହିଁ । ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି ।




**ଭାଇରାଲ ହେପାଟାଇଟିସ୍:**

ଏହା ଏ, ବି, ସି, ଡି ଏବଂ ଇ - ପାଞ୍ଚ ପ୍ରକାର । ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ । ଏହାର ଲକ୍ଷଣ ପ୍ରାୟ ଚାରିସପ୍ତାହ ଜାରି ରହେ । ରୋଗୀକୁ ବାନ୍ତି ଏବଂ ଜ୍ୱର ହୁଏ । ହେପାଟାଇଟିସ୍ ବି ଏବଂ ସି ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଲକ୍ଷଣ ପ୍ରକାଶ ପାଏ । ତେବେ ଲକ୍ଷଣ ପ୍ରକାଶ ପାଇବା ଛ' ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୂରା ସୁସ୍ଥ ହେବାର ଆଶା କ୍ଷୀଣ ରହେ ।

ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ । ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ ହଳଦିଆ ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି । ଏହା ଯକୃତକୁ ସଂକୁଚିତ କରିଦିଏ । ଠିକ୍ ସମୟରେ ଚିକିତ୍ସା ନପାଇଲେ ଧୀରେ ଧୀରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ହେବାର ମଧ ଆଶଙ୍କା ରହିଛି ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍-ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍-ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍-ବି' ଭୂତାଣୁର ବାହକ । ଉଦ୍ବେଗଜନକ ତଥ୍ୟ ହେଉଛି, ଅଧିକାଂଶ ବାହକ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍-ବି' ଏଡ୍ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚ କୋଟିରୁ ଅଧିକ ହେପାଟାଇଟିସ୍-ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍-ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତନୋଟି ଟିକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟିକା ଓ ପ୍ରଥମ ଟିକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ହେପାଟାଇଟିସ୍-ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାର ସମ୍ଭବ । ସାଧାରଣତଃ ହେପାଟାଇଟିସ୍-ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।



# ଫ୍ୟାସନ୍ ଟିପ୍ସ



କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଅନେକ ସମୟରେ ମହିଳାମାନେ ଅଫିସ୍କୁ ବାହାରିବା ସମୟରେ ଷ୍ଟାଇଲିଶ୍ ଡ୍ରେସେସ୍ ପିନ୍ଧିବା ପାଇଁ ଯୋଜନା କରି ବିଫଳ ହୋଇଥାନ୍ତି । ସେଥିପାଇଁ କେବେ କେବେ ସ୍କାର୍ଫ ଓ ଜ୍ୱେଲେରୀ ମଧ ଆପଣଙ୍କ ପାଇଁ ବେଷ୍ଟ ଏକ୍ସେସରିଜର କାମ ହେବ ଓ ବର୍ଷାଦିନେ ଆପଣଙ୍କୁ ଆକର୍ଷଣ ଲୁକ୍ ମଧ ମିଳିଯିବ । କେତେକ ଫ୍ୟାସନ ଡିଜାଇନରେ ଷ୍ଟାଇଲିଶ୍ ଲୁକ୍ ପାଇଁ ଦେଇଥିବା ଷ୍ଟୋଇଲ୍ ଟିପ୍ସ ।

♦ ବର୍ଷା ଦିନରେ ବର୍ଷାପାଣି କେଶର ସୁରକ୍ଷା କରିଥାଏ ଓ ବେଷ୍ଟ ଏକ୍ସେସରିଜର କାମ କରିଥାଏ ।

♦ ଏହି ମନସୁନ୍ରେ ହାଲୁକା କଟନ୍ ମଲମଲ ବା ହ୍ୟାଣ୍ଡଲୁମ୍ ଦ୍ୱାରା ପ୍ରସ୍ତୁତ କଟନ ଜମଦାନୀ ସ୍କାର୍ଫ ପକାନ୍ତୁ । ଏହା ଆପଣଙ୍କୁ ବର୍ଷା ଓ ଖରାରୁ ସୁରକ୍ଷା ପ୍ରଦାନ କରିବା ସହିତ ନୂଆ ଫ୍ୟାସନ ଷ୍ଟେଟମେଣ୍ଟ ବି ଦେଇଥାଏ ।

♦ ସାଧାରଣ ଡ୍ରେସେସ୍ ସହିତ ଝାଲର ଥିବା ବଡ଼ ସ୍କାର୍ଫକୁ ଚାରିପଟେ ଘୋଡ଼େ କରି ପକାନ୍ତୁ । ଏହା ମଧ ଆପଣଙ୍କୁ ଷ୍ଟାଇଲ୍ ଲୁକ୍ ଦେବ ।

♦ ମନସୁନ୍ରେ ସ୍କାର୍ଫକୁ ଆପଣ କେଶ ଉପରେ ବାନ୍ଧି ପାରିବେ ।

♦ ଜୁଡ଼ା ବା ପୋନିଟେଲର ଚାରିପଟେ ପତଳା ସ୍କାର୍ଫକୁ ବାନ୍ଧି ଦିଅନ୍ତୁ ଓ ବାକି ବାଳକୁ ଖୋଲା ରଖନ୍ତୁ । ଏହା ଦ୍ୱାରା ମଧ ଆପଣର ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।

**ଜ୍ୱେଲେରୀ ପାଇଁ ମଧ କେତେକ ଟିପ୍ସ ଫଲୋ କରିପାରିବେ:**

-ହାଲୁକା ଓ ଗୋଲ ଡିଜାଇନ୍ର ଇଅର୍ରିଙ୍ଗ୍ ଏହି ଋତୁରେ ଅଧିକ ପ୍ରଚଳିତ ହେଉଛି । ଡ୍ରେସ୍ ସହିତ ମ୍ୟାଚ୍ କରି ଏହାକୁ ପିନ୍ଧିପାରିବେ ।

-ସୁନ୍ଦର ରନ୍ ଥିବା ଛୋଟ ଇଅର ଷ୍ଟଡ ଆପଣଙ୍କୁ ଭିନ୍ନ ଲୁକ୍ ଦେବ ।

-ଆପଣ ଚାହିଁଲେ ଗଳାରେ କେତେ





ଲେୟର ଥିବା ଚେନ୍ ଓ ହାତରେ ମଲ୍ଟି ଫିଙ୍ଗର ରିଙ୍ଗ୍ ମଧ ପିନ୍ଧିପାରିବେ, ଯାହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ ।

# ଥକ୍କାପଣକୁ ଦୂରେଇବାର ସରଳ ଉପାୟ

♦ କର୍ମଜୀବୀ ଲୋକେ ଘରୁ କାର୍ଯ୍ୟାଳୟ ଓ ସେହିପରି କାର୍ଯ୍ୟାଳୟରୁ ଘରକୁ ଆସିବାରେ ପୂରା ସପ୍ତାହ ଅତିବାହିତ କରନ୍ତି । ଆଜିକାଲି ତ' ଅଧିକାଂଶ ଲୋକ ଘରୁ ଗୋଡ଼ କାଢ଼ି ଶୀତତାପ ନିୟନ୍ତ୍ରିତ କାରରେ ବସି କାର୍ଯ୍ୟାଳୟରେ ବସି ସନ୍ଧ୍ୟାରେ ବାହାରିଥାନ୍ତି । ଏମାନେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଦୌ ଆସିପାରନ୍ତିନାହିଁ । ଯାହା କାରଣରୁ ଭିଟାମିନ ଡି ଅଭାବରେ ଆକ୍ରାନ୍ତ ହେବା ସହ ଖୁବ ଶୀଘ୍ର ଥକ୍କି ମଧ ଯାଇଥାନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭିଟାମିନ ଡିର ଅଭାବ ହେଲେ ମଧ ଶରୀରର ଶକ୍ତି କ୍ରମଶଃ ହ୍ରାସ ପାଇଥାଏ । ଏଣୁ ଦୈନିକ ସକାଳବେଳା ଛାତ ଉପରେ ନଚେତ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଚଲାବୁଲା କରିବା ଉଚିତ । ପାଶ୍ଚାତ୍ୟ ଥଣ୍ଡା ରାଷ୍ଟ୍ରଗୁଡ଼ିକର ଲୋକେ ଏହି ଭିଟାମିନ ଡି' ଅଭାବରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଭାବେ ଡାକ୍ତରଙ୍କ ପରାମର୍ଶରେ ଭିଟାମିନ ଡି ପୋଷକତତ୍ତ୍ୱ ଥିବା ଔଷଧ ସେବନ କରିଥାନ୍ତି ।

♦ ଏହା ସହ ନିଜ ଖାଦ୍ୟ ଓ ପାନୀୟ ପ୍ରତି ସତର୍କ ରୁହନ୍ତୁ । ଯଦିବା ଆପଣଙ୍କୁ ବାହାର ରେଷ୍ଟୋରାଁ ଖାଦ୍ୟ ପସନ୍ଦ, ତେବେ ପନିପରିବା ତରକାରି ଅର୍ଡର ଦେବାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ପାଣି ଆବଶ୍ୟକ ପରିମାଣରେ ପିଇବା ଜରୁରୀ, ଯେପରି ଶରୀରରେ ଜଳାଭାବ ସମସ୍ୟା ନଉପୁଜେ ।

♦ ଅଧିକ ମାନସିକ ଚାପରେ ରହିଲେ ମଧ ଯେ କୌଣସି କାମ କରିବାକୁ ଆଗ୍ରହ ଆସିନଥାଏ । ଯେତେ ବଡ଼ ଅସୁବିଧା ପରିସ୍ଥିତିରେ ମଧ ଭାବିବା ଉଚିତ ଯେ ସମୟ ଅନୁସାରେ ସବୁ ଠିକ ହୋଇଯିବ ।



# ଗଛ ତାପମାତ୍ରା ହ୍ରାସ କରେ

ଆମେ ସମସ୍ତେ ଜାଣିଛନ୍ତି ପୃଥିବୀରେ ଯେତେ ସଂଖ୍ୟକ ବୃକ୍ଷରୋପଣ କରାଯିବ, ସେତେ କମ୍ ପରିମାଣରେ ତାପମାତ୍ରାକୁ ଆମେ ଅନୁଭବ କରିପାରିବା । କିନ୍ତୁ ସବୁଠୁ ବଡ଼ ମଜା କଥା ହେଲା ଯେ ବହୁତ କମ୍ ଲୋକ ଜାଣିଥାନ୍ତି ଯେ କିଭଳି ଭାବରେ ଗଛ ତାପମାତ୍ରାକୁ ହ୍ରାସ କରେ । ଗଛ ଯେତେ ବଡ଼ ହେବ ଓ ଶାଖାପ୍ରଶାଖା ବିସ୍ତାର କରିବ, ଉତ୍ସେଦନ ପ୍ରକ୍ରିୟାରେ ପତ୍ରଦ୍ୱାରା ମାଟିରୁ ଜଳ ସଞ୍ଚୟ କରି ବାୟୁମଣ୍ଡଳରେ ତାପମାତ୍ରା ହ୍ରାସ କରିବାର ଭୂମିକା ନେବ । ଏଥିପାଇଁ ଅଧିକ ସଂଖ୍ୟକ ଗଛ ଲଗାଇବାର ଆବଶ୍ୟକତା ଅଛି ବୋଲି ପରିବେଶବିତ୍ମାନେ ମତପୋଷଣ କରନ୍ତି ।



# ରହସ୍ୟରେ ଘେରା ଆମାଜନ୍‌ର ଫୁଟନ୍ତା ନଦୀ









ଆମାଜନ୍ ବୃଷ୍ଟି ଅରଣ୍ୟର ଯେତିକି ଅଂଶ ପେରୁରେ ଅବସ୍ଥିତ ତାହାର ଅତଡି ଗଭୀରରେ ରହିଛି ଏପରି ଏକ ନଦୀ ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । କାରଣ ଏହି ନଦୀର ଜଳ ଫୁଟନ୍ତା ପାଣି ପରି ଗରମ । ଏହା ମଧ୍ୟରେ ଯାହା ବି କିଛି ପଡ଼ିଯାଏ ସବୁକିଛିକୁ ଗ୍ରାସ କରିନିଏ ଏହି ନଦୀ । ପ୍ରାଚୀନ ଇନ୍କା ସଭ୍ୟତାର ଲୋକମାନଙ୍କ ପାଖରେ ଏହି ନଦୀ ଥିଲା ସୂର୍ଯ୍ୟଦେବଙ୍କ ଜଳସ୍ରୋତ । ସୂର୍ଯ୍ୟଙ୍କ ଉତ୍ତାପରେ ଏହି ନଦୀର ଜଳ ଫୁଟିଥାଏ ବୋଲି ପ୍ରାଚୀନ ଜନଜାତିର ଲୋକେ ବିଶ୍ୱାସ କରୁଥିଲେ । ଇନ୍କାମାନେ ନିଜକୁ ସୂର୍ଯ୍ୟଙ୍କ ଉପାସକ ବୋଲି ମନେ କରୁଥିଲେ । ଏହି ନଦୀର ନାମ ସେମାନେ ଦେଇଥିଲେ 'ଶାନୟ ଟିମ୍ପିସଖା' ସ୍ପେନୀୟ ବାହିନୀ ଯେଉଁମାନେ ଇନ୍କା ସଭ୍ୟତା ଜୟ କରିବା ପାଇଁ ଅଭିଯାନ ସମ୍ଭାଳିଥିଲେ ସେମାନଙ୍କ ବିବରଣୀରେ ମଧ ଏହି ନଦୀ କଥା ଉଲ୍ଲେଖ ଅଛି । କିନ୍ତୁ କେଉଁ କାରଣରୁ ଏହି ନଦୀର ଜଳ ଫୁଟନ୍ତା ତାହା ବହୁ ବର୍ଷ ପର୍ଯ୍ୟନ୍ତ ଅଜଣା ଥିଲା । ଆହୁରି ଅନେକ ଲୋକଙ୍କ ଭଳି ଏହି ନଦୀ କଥା ଶୁଣିଥିଲେ ଆନ୍ଦ୍ରେ ରୁଜୋଓ । ସେତେବେଳେ ସେ ପେରୁର ରାଜଧାନୀ ଲିମାର ବାସିନ୍ଦା ଥିଲେ । ପିଲାଦିନେ ଆନ୍ଦ୍ରେ ଭାବିଥିଲେ ବଡ଼ ହେଲେ ସେ ଏହି ନଦୀର ରହସ୍ୟଭେଦ କରିବେ । କୈଶୋରରୁ ଆରମ୍ଭ କରି ୧୨ ବର୍ଷ ପର୍ଯ୍ୟନ୍ତ ସେ ଏହି ନଦୀର ଅସ୍ତିତ୍ୱକୁ ନେଇ ବିଶ୍ୱାସ ଅବିଶ୍ୱାସର ଦୋଛକିରେ ଥିଲେ । ଜିଓଫିଜିକ୍ସରେ ଉଚ୍ଚଶିକ୍ଷା ପାଇଁ ଆନ୍ଦ୍ରେ ଟେକ୍ସାସ ଗଲେ । ସେହି ସମୟରେ ସେ ପେରୁର ଜିଓଥର୍ମାଲ ବୈଚିତ୍ର୍ୟ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଧୀରେ ଧୀରେ ସେ ବୁଝିପାରିଥିଲେ ଫୁଟନ୍ତା ନଦୀର ଅସ୍ତିତ୍ୱ ବାସ୍ତବରେ ଅଛି । ସେହି ନଦୀ ସୂର୍ଯ୍ୟଙ୍କ ଉତ୍ତାପରେ ନୁହେଁ । ବରଂ ପୃଥିବୀ ଅଭ୍ୟନ୍ତରର ଉତ୍ତାପ କାରଣରୁ ଏହି ନଦୀର ପାଣି ଫୁଟନ୍ତ । ଏହାପରେ ପେରୁ ଫେରିଆସି ସେଇ ନଦୀ ସନ୍ଧାନରେ ବାହାରି ପଡ଼ିଥିଲେ । ଶେଷରେ ସ୍ଥାନୀୟ ଆଦିବାସୀମାନଙ୍କ ସହାୟତାରେ ସେ ଏହି ନଦୀ ପାଖରେ ପହଞ୍ଚି ପାରିଥିଲେ । ଛଅ ମାଇଲ ଦୀର୍ଘ ଏହି ନଦୀକୁ ଚାରି ଦିଗରି ଘେରି ରହିଛି ଘଞ୍ଚ ଜଙ୍ଗଲ । ନଦୀର ସର୍ବୋଚ୍ଚ ଗଭୀରତା ୧୬ ଫୁଟ । ଉଷ୍ଣ ପ୍ରସ୍ରବଣ ଭଳି ନିଜସ୍ୱ ଭଙ୍ଗୀରେ ପ୍ରସ୍ତର ଫାଙ୍କରୁ ବାହାରିଛି ଏହି ନଦୀ । ଏହାପରେ ନିଜ ଯାତ୍ରାପଥ ଶେଷ କରି ବିଲୀନ ହୋଇଛି ଆମାଜନ ନଦୀ ଗର୍ଭରେ । ବିରଳ ହେଲେ ବି ପୃଥିବୀ ପୃଷ୍ଠରେ ଅଳ୍ପ କିଛି ଫୁଟନ୍ତ ନଦୀର ଅସ୍ତିତ୍ୱ ଅଛି । ସେହି ନଦୀଗୁଡ଼ିକର ଉତ୍ପତ୍ତି ଆଗ୍ନେୟଗିରି ବୋଲି ବିଶ୍ୱାସ କରାଯାଏ ।



# ଏମ୍.ଏସ୍.ପିର ପ୍ରଥମେ ଆଇନଗତ ବ୍ୟବସ୍ଥା କରାଯାଉ : କିଷାନ କଂଗ୍ରେସ

ଭୁବନେଶ୍ୱର,୩୦/୧୧ (ନି.ପ୍ର): କେନ୍ଦ୍ର ବିଜେପି ସରକାର ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ୧ ବର୍ଷ ତଳେ ଯେଉଁ ତିନୋଟି କୃଷି ଆଇନ୍ ପ୍ରଣୟନ କରିଥିଲେ ଏହା ସମଗ୍ର ଦେଶର ଚାଷ ଓ ଚାଷୀକୁଳ ପାଇଁ ଅହିତ ଥିଲା। ଯାହାକି ପ୍ରଧାନମନ୍ତ୍ରୀ ଏହି ଆଇନଟିକୁ ପ୍ରତ୍ୟାହାର କରିବାକୁ ବାଧ ହେଲେ। ଏଥିରେ ଚାଷୀ ସମାଜର ନୈତିକ ବିଜୟ ଘଟିଲା। ଆଜି ସଂସଦରେ ଏହି ପ୍ରସଙ୍ଗଟି ଆଗତ କରାଯାଇ ରଦ୍ଦ କରାଗଲା। କିନ୍ତୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଚାଷୀଙ୍କ ମୌଳିକ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ପ୍ରତିବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଯାହା କିଛି ବୃଦ୍ଧି ଘଟୁଛି ତାହା ଚାଷୀର ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ସମୁଦ୍ରକୁ ଶଙ୍ଖେ। ଏହାବ୍ୟତୀତ ପ୍ରଚଳିତ ଏମ୍.ଏସ୍.ପି ମଧ ଚାଷୀ ପାଉ ନାହିଁ। ବିଭିନ୍ନ ଆଳରେ ମିଲରଠାରୁ ଆରମ୍ଭ କରି ପ୍ରଶାସନ ସ୍ତରର ମନମାନୀରେ ଚାଷୀ ଅଣ୍ଡର ରେଟ୍‌ରେ ଶସ୍ୟ ବିକିବାକୁ ବାଧ ହେଉଛି। ତେଣୁ କେନ୍ଦ୍ର ସରକାର ସର୍ବ ପ୍ରଥମେ ଏମ୍.ଏସ୍.ପିର ଆଇନଗତ ବ୍ୟବସ୍ଥା କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ସହିତ ଉପାଧ୍ୟକ୍ଷ ସୁବାଷ ରାଉତ, ଶଶି ଭୂଷଣ ପାତ୍ର, ଉମେଶ ସାହୁ, ମହେନ୍ଦ୍ର ପରିଡ଼ା ଓ ଜିଲ୍ଲା ଚାଷୀ ନେତା ସାନନ୍ଦ ମିଶ୍ର, ରଘୁନାଥ ପଲିଆ, ନରେନ୍ଦ୍ର ପଣ୍ଡା, ବୃନ୍ଦାବନ ଖଟେଇ, ସନ୍ତୋଷ ସାହୁ, ବିପ୍ରବର ସାହୁ, ଭୋବନାନନ୍ଦ ସାମଲ, ଦାଶରଥି ସାହୁ, ଭବାନୀ ଶଙ୍କର ରଥ, ଗୋବିନ୍ଦ ମିଶ୍ର, ଉପେନ୍ଦ୍ର ସାହୁ, ନିରଞ୍ଜନ ବେହେରା, ନାରାୟଣ ପରିଡ଼ା ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି। ଯଦି ଖୁବ୍ ନିକଟରେ କେନ୍ଦ୍ର ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ ନ କରନ୍ତି, କିଷାନ କଂଗ୍ରେସ ପକ୍ଷରୁ କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ଆଗାମୀ ଦିନରେ ପ୍ରତି ବ୍ଲକସ୍ତରରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନର ଚାଷୀନେତାମାନେ ସୂଚନା ପ୍ରଦାନ କରିଛନ୍ତି।

# ଚତୁର୍ଥ ଗୀତାଞ୍ଜଳି ଏକ୍ସଲେନ୍ସ ସମ୍ମାନ-୨୦୨୧, ସମ୍ବର୍ଦ୍ଧିତ ହେଲେ ୨୫ଜଣ ପ୍ରତିଭା

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚତୁର୍ଥ ଗୀତାଞ୍ଜଳି ଏକ୍ସେଲେନ୍ସ ଆୱାର୍ଡ଼-୨୦୨୧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ଫାଉଣ୍ଡେସନର ଏତାଦୃଶ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଆଜିର ଯୁବପିଢିମାନଙ୍କୁ ନିଜର ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଗଲେ ଆଗାମୀ ଦିନରେ ସାମାଜିକ କାର୍ଯ୍ୟ କରିବା ପାଇଁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ହେବ ବୋଲି ସେ ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଡ. ଅରୁଣ ସାହୁ ଯୋଗଦେଇ କହିଲେ ଯେ, ସ୍ୱେଚ୍ଛାସେବୀମାନଙ୍କୁ ଆମ ସମାଜ ସବୁବେଳେ ସମ୍ମାନ ଦେଇଆସିଛି। ମହାମାରୀ କରୋନା ସମୟରେ ସରକାରଙ୍କ ସହିତ ସ୍ୱେଚ୍ଛାସେବୀମାନେ ଯେଉଁଭଳି ଭାବରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ସହଯୋଗର ହାତ ବଢାଇ, ସେମାନଙ୍କୁ ସହାୟତା ଯୋଗାଇଥିଲେ ଓ ସଚେତନ କରାଇଥିଲେ, ଏହା ହିଁ ତାର ଉଦାହରଣ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀ, ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଆୟକର ବିଭାଗର ପୂର୍ବତନ ପ୍ରିନ୍ସିପାଲ କମିଶନର ଶରତ ଦାସ ଓ ଅନୁଷ୍ଠାନର ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣ ପ୍ରତିଭାଙ୍କୁ ଅତିଥିମାନେ ଉତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବଳେ ଟ୍ରଷ୍ଟି ତାପସ ରଞ୍ଜନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଭ୍ୟ ବିଶ୍ୱଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୨୮ କରୋନା ପଜିଟିଭ୍ ଚିହ୍ନଟ: ୩୫ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୩୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୯୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୫ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ଭଦ୍ରକରୁ ୧ ଜଣ, ବରଗଡ଼ ଜିଲ୍ଲାରୁ ୧ ଜଣ, କଟକରୁ ୧୭ ଜଣ, ଢେଙ୍କାନାଳରୁ ୧ ଜଣ, ଗଞ୍ଜାମରୁ ୫ ଜଣ, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୪ ଜଣ, କେନ୍ଦୁଝରରୁ ୩ ଜଣ, ଖୋର୍ଦ୍ଧାରୁ ୯୬ ଜଣ, କୋରାପୁଟରୁ ୨ ଜଣ, ମୟୂରଭଞ୍ଜରୁ ୨୧ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ଼ରୁ ୨ ଜଣ, ପୁରୀରୁ ୧୦ ଜଣ, ସମ୍ବଲପୁରରୁ ୧୧ ଜଣ, ସୋନପୁରରୁ ୨ ଜଣ, ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ ପୁଲରୁ ୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୯ ହଜାର ୧୦୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୩୮ ହଜାର ୩୦୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୨ ହଜାର ୩୩୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମୁଖ୍ୟ ଭିଜିଲାନ୍ସ ଅଧିକାରୀମାନଙ୍କ ସମ୍ମେଳନ ଉଦ୍‌ଘାଟନ

**ରାଜ୍ୟ ଭିଜିଲାନ୍ସ ଏକାଡେମୀ ଅଡିଟୋରିଅମ ସ୍ୱର୍ଗତ ଡଃ ଦେବାଶିଷ ପାଣିଗ୍ରାହୀଙ୍କ ନାମରେ ନାମିତ**

ଭୁବନେଶ୍ୱର,୩୦/୧୧ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ଥିବା ମୁଖ୍ୟ ଭିଜିଲାନ୍ସ ଅଧିକାରୀମାନଙ୍କର ସମ୍ମେଳନ ଆଜି ରାଜ୍ୟ ଭିଜିଲାନ୍ସ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏକାଡେମୀର ପ୍ରେକ୍ଷାଳୟ (ଅଡିଟୋରିଅମ୍)କୁ ପୂର୍ବତନ ଭିଜିଲାନ୍ସ ଡାଇରେକ୍ଟର ସ୍ୱର୍ଗତଃ ଦେବାଶିଷ୍ ପାଣିଗ୍ରାହୀଙ୍କ ନାମରେ ନାମିତ କରିବା ସହ ସମ୍ମେଳନର ଉଦ୍ଘାଟନ କରିଥିଲେ। ପରେ ପରେ ମୁଖ୍ୟ ଶାସନ ସଚିବ ସ୍ୱର୍ଗତଃ ପାଣିଗ୍ରାହୀଙ୍କର ଉତ୍କୃଷ୍ଟସେବା ପାଇଁ ସମ୍ମାନପତ୍ର ଓ ସ୍ମାରକୀ ପ୍ରଦାନ କରିଥିଲେ । ସ୍ୱର୍ଗତଃ ପାଣିଗ୍ରାହୀଙ୍କ ପତ୍ନୀ ଶ୍ରୀମତୀ ଝୁମ୍ପୀ ରଥ (ପାଣିଗ୍ରାହୀ) ଏହି ମାନପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଡଃ ପାଣିଗ୍ରାହୀ ସ୍ୱକୀୟ ଉତ୍କୃଷ୍ଟମାନର ବୃତିଗତ କୌଶଳ ଯୋଗୁ ରାଜ୍ୟ ଭିଜିଲାନ୍ସକୁ ଏକ ଉଚ୍ଚତର ସୋପାନକୁ ନେଇ ପାରିଥିଲେ । ଏକାଡେମୀର ପ୍ରେକ୍ଷାଳୟ ତାଙ୍କ ନାମରେ ନାମିତ ହେବା ଏକ ସମୁଚିତ ପଦକ୍ଷେପ । ମୁଖ୍ୟ ଭିଜିଲାନ୍ସ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମହାପାତ୍ର କହିଥିଲେ ଯେ ଦୁର୍ନୀତି ନିରାକରଣ ରେ ଭିଜିଲାନ୍ସ ଅଧିକାରୀମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ଉଭୟ ଦଣ୍ଡାତ୍ମକ ଏବଂ ପ୍ରତିରୋଧାତ୍ମକ ପଦ୍ଧତି ପ୍ରୟୋଗ କରିବାକୁ ସେ ପରାମର୍ଶ ଦେଇଥିଲେ । ପୋଲିସ୍ ମହା ନିର୍ଦ୍ଦେଶକ ଡଃ ଅଭୟ କୁମାର କହିଥିଲେ ଯେ ସ୍ୱର୍ଗତଃ ଦେବାଶିଷ ପାଣିଗ୍ରାହୀ ଉଭୟ ବୃତିଗତ ଏବଂ ସୃଜନାତ୍ମକ କ୍ଷେତ୍ରରେ ଏକ ଉଚ୍ଚକୋଟିର ବ୍ୟକ୍ତିତ୍ୱ ଥିଲେ । ପୋଲିସ୍ ବିଭାଗରେ ତାଙ୍କୁ ସମସ୍ତେ ଏକ ସୁଦକ୍ଷ ଅଧିକାରୀଭାବେ ଜାଣିଥିଲେ । ତାଙ୍କର ସୃଜନାତ୍ମକ ପ୍ରତିଭାହେତୁ ତାଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନରେ ବିଭୁଷିତ କରାଯାଇଥିଲା। ଭିଜିଲାନ୍ସ ନିର୍ଦ୍ଦେଶକ ୟେଶ୍ୱନ୍ତ ଜେଠୱା ଏବଂ ଆଇ.ଜି. ଅସୀତ ପାଣିଗ୍ରାହୀ ଯଥାକ୍ରମେ ଉଦ୍ଘାଟନୀ ପର୍ଯ୍ୟାୟରେ ସ୍ୱାଗତ ସମ୍ଭାଷଣ ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସମ୍ମେଳନଟି ସମୁଦାୟ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ଉଦ୍ଘାଟନୀ ପର୍ଯ୍ୟାୟ ପରେ ପରେ ବିଶେଷଜ୍ଞମାନେ 'ପରବର୍ତିତ ସମୟରେ ମୁଖ୍ୟ ଭିଜିଲାନ୍ସ ସେବାର ରୂପରେଖ', 'ସତର୍କତା ହୁଇସିଲ-ବାଦନ ସଂସ୍କୃତିର ପ୍ରସାରରେ ଭିଜିଲାନ୍ସ ଅଧିକାରୀମାନଙ୍କ ଭୂମିକା' ଏବଂ 'ଦୁର୍ନୀତି ନିବାରଣରେ ଆଧୁନିକ ସୂଚନା-ପ୍ରଯୁକ୍ତିବିଦ୍ୟା ବୈଷୟିକ କୌଶଳ ପ୍ରୟୋଗ' ଆଦି ବିଷୟରେ ତାଲିମ୍ ଓ ଅନୁପ୍ରେରଣା ଦେଇଥିଲେ । ଶେଷ ପର୍ଯ୍ୟାୟରେ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଏବଂ କନିଷ୍ଠ ଓ ନୂଆ ଭିଜିଲାନ୍ସ ଅଧିକାରୀମାନଙ୍କ ମଧ୍ୟରେ ଅଭିଜ୍ଞତା ଆଦାନ ପ୍ରଦାନ ହୋଇଥିଲା । ୪୧ ଟି ସରକାରୀ ବିଭାଗ, ୮୫ ଟି ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ୩୩ ଟି ସାଧାରଣ ଉଦ୍ୟୋଗରେ କାର୍ଯ୍ୟକରୁଥିବା ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ସହ ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସମ୍ମେଳନରେ ଅଂଶ ଗ୍ରହଣ କରିଥିଲେ ।

## କ୍ୟୁ- ନେଟ ସ୍କାମ୍: ଅଭିଯୁକ୍ତ ଅରବିନ୍ଦ କୁମାର ଗିରଫ

ଭୁବନେଶ୍ୱର,୩୦/୧୧ (ନି.ପ୍ର): କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା କ୍ୟୁ- ନେଟ ସ୍କାମର ଅନ୍ୟତମ ଅଭିଯୁକ୍ତ ଅରବିନ୍ଦ କୁମାରଙ୍କୁ ଗିରଫ କରିଛି। ଅରବିନ୍ଦଙ୍କ ଘର ହେଉଛି କେନ୍ଦ୍ରାପଡ଼ା ଜିଲ୍ଲାର ପଳାଇ ଗାଁରେ। ତାଙ୍କୁ ଆଇପିସିର ଧାରା ୪୦୬, ୪୨୦, ୪୬୭, ୪୬୮, ୪୭୧, ୧୨୦ବି ଓ ସେକ୍ସନ ୪, ୫, ୬ ଚିଟଫଣ୍ଡ ଏବଂ ମନି ସର୍କୁଲେସନ୍ ସ୍କିମ ଓ ସେକ୍ସନ ୬ ଓପିଆଇଡି ଆକ୍ଟରେ ଗିରଫ କରିଛି। କ୍ୟୁ-ନେଟ ହେଉଛି ହଙ୍ଗକଙ୍ଗର ମଲଟିଲେବଲ ମାର୍କେଟିଙ୍ଗ କମ୍ପାନି। ଏହାର ଫ୍ରାଞ୍ଚାଇଜି ଭାରତରେ ବିହାନ ଡାଇରେକ୍ଟ ସେଲିଙ୍ଗ ପ୍ରାଇଭେଟ୍ ଲିମିଟେଡ୍ ଅଟେ। ଚନ୍ଦନ ମହାଳିକ, ଶରତ ପରିଡା, ଦେବବ୍ରତ ହରିଚନ୍ଦନ, ପ୍ରଶାନ୍ତ କୁମାର ମହାନ୍ତି ଓ ଅରବିନ୍ଦ କୁମାର ଏହାର ଡାଇରେକ୍ଟର ଅଟନ୍ତି। ଏମାନେ ବେଆଇନ ଟଙ୍କା କାରବାର କରୁଥିଲେ ଓ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଛନ୍ତି। ପୂର୍ବରୁ ଏହି ମାମଲାରେ ଶରତ କୁମାର ପରିଡା, ଦେବବ୍ରତ ହରିଚନ୍ଦନ, ଚନ୍ଦନ କୁମାର ମହାଳିକ, ଓ ପ୍ରଶାନ୍ତ କୁମାର ମହାନ୍ତି ଗିରଫ ହୋଇସାରିଛନ୍ତି। ତଦନ୍ତରୁ ଜଣା ପଡିଛି ଯେ ଅଭିଯୁକ୍ତମାନେ ୩୧ଜଣ ଜମାକାରୀଙ୍କଠାରୁ ୧.୨କୋଟି ଟଙ୍କା ଠକି ନେଇଛନ୍ତି।

## ପିପିଲି ଗଣଦୁଷ୍କର୍ମ ଘଟଣା

# ମୁଖା ଖୋଲିଯିବା ଭୟରେ ତଦନ୍ତ ରିପୋର୍ଟକୁ ଚାପିଛନ୍ତି: କଂଗ୍ରେସ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ୨୦୧୧ର ବହୁ ଚର୍ଚ୍ଚିତ ପିପିଲି ବେବିନା ଗଣଦୁଷ୍କର୍ମ ଘଟଣାକୁ ୧୦ ବର୍ଷ ବିତିଯାଇଥିଲେ ବି ନା ଅପରାଧୀମାନେ ଦଣ୍ଡ ପାଇଛନ୍ତି ନା ସରକାର ବସାଇଥିବା ତଦନ୍ତ କମିଶନ ରିପୋର୍ଟ ବିଧାନ ସଭାରେ ଆଗତ ହୋଇଛି। ତେଣୁ ଆସନ୍ତା ବିଧାନସଭାରେ ତଦନ୍ତ କମିଶନ ରିପୋର୍ଟ ଉପସ୍ଥାପିତ କରିବା ସହିତ ପିପିଲି ପୀଡ଼ିତାର ବିଚାର କେତେବାଟରେ ପହଂଚିଛି ସରକାର ଉତର ରଖିବା ପାଇଁ କଂଗ୍ରେସ ଦାବି କରିଛି। ମୁଖପାତ୍ର ନିଶିକାନ୍ତ ମିଶ୍ର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨୦୧୬ ମାର୍ଚ୍ଚ ୩୦ ତାରିଖ ଦିନ ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ପିକେ ମହାନ୍ତି ତଦନ୍ତ କମିଶନ ଚୂଡ଼ାନ୍ତ ରିପୋର୍ଟ ଗୃହ ବିଭାଗ ନିକଟରେ ଦାଖଲ କରିଥିଲେ। ଇତି ମଧ୍ୟରେ ରିପୋର୍ଟ ଦାଖଲ ହେବାର ୬ ବର୍ଷ ବିତିଯାଇଥିଲେ ମଧ ମୁଖା ଖୋଲିଯିବା ଭୟରେ ତଦନ୍ତ ରିପୋର୍ଟକୁ ବିଧାନସଭାରେ ଆଗତ କରୁନାହାନ୍ତି। ଘଟଣା ଘଟିବାର ୧୦ ବର୍ଷ ବିତିଯାଇଥିଲେ ମଧ ପିଡ଼ିତା ପରିବାର ନ୍ୟାୟ ପାଇବାରୁ ବଂଚିତ ଏବଂ ଯେଉଁ ଉଦ୍ଦେଶ୍ୟ ନେଇ ତଦନ୍ତ କମିଶନ ଗଠନ ହୋଇଥିଲା ବିଶେଷ କରି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା , ଏଥିପାଇଁ ଉତରଦାୟୀ କିଏ ଏବଂ ପୋଲିସ ତାର ସଠିକ କାର୍ଯ୍ୟ ସଂପାଦନ କରିଛି ନା ନାହିଁ। କମିଶନ ଏହି ୩ ଗୋଟି ପ୍ରସଙ୍ଗକୁ ପାଖାପାଖି ୪ବର୍ଷ ସମୟ ନେଇଥିଲେ ଏଥିରେ ୫୦ ଉର୍ଦ୍ଧ୍ୱ ସତ୍ୟପାଠ, ପାଖାପାଖି ୫୦ ଜଣଙ୍କୁ ଜେରା ଏବଂ ୧୦୦ ରୁ ଉର୍ଦ୍ଧ୍ୱ ବୈଠକ ପରେ ୩୦ ମାର୍ଚ୍ଚ ୨୦୧୬ରେ ପାଖାପାଖି ୪୦୦ ଶହ ପୃଷ୍ଠାର ଏକ ରିପୋର୍ଟ ଗୃହ ସଚିବଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ କମିଶନ ତାଙ୍କ ରିପୋର୍ଟ ଦେବାର ୬ ବର୍ଷ ବିତିଯାଇଥିଲେ ମଧ ରିପୋର୍ଟକୁ ସାର୍ବଜନୀନ ନକରି ମମିତା ଘଟଣାରେ ମହିଳାମାନଙ୍କୁ ନ୍ୟାୟ ଦେବାର ବାରମ୍ବାର ସଫେଇ ଧର୍ମକୁ ଆଖି ମିଟିକା ଛଡ଼ା ଆଉକିଛି ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ଜ୍ଞାନଦେବ ବେଉରା ଉପସ୍ଥିତ ଥିଲେ।

# ଜାନୁୟାରୀ ୧୫ ସୁଦ୍ଧା ବରଗଡରେ ୯ ମେଗାୱାଟ ବିଶିଷ୍ଟ କ୍ଷୁଦ୍ର ଜଳ ପ୍ରକଳ୍ପ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ଶକ୍ତି ବିଭାଗର କାର୍ଯ୍ୟ ସମୀକ୍ଷା କରି କ୍ଷୁଦ୍ର ଜଳ ପ୍ରକଳ୍ପ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନର ଜଳବାୟୁ ପରିବର୍ତନ ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି ବିଶ୍ୱର ଏକ ମୁଖ୍ୟ ସମସ୍ୟା। ଏହାର ସମାଧାନ ପାଇଁ ସବୁଜ ଶକ୍ତିର ବିକାଶ ଏକ ମୁଖ୍ୟ ବିକଳ୍ପ। ରାଜ୍ୟରେ ସୌର ଶକ୍ତି ପରେ କ୍ଷୁଦ୍ର ଜଳ ପ୍ରକଳ୍ପରୁ ଶକ୍ତି ଉତ୍ପାଦନ ଦ୍ୱିତୀୟ ମୁଖ୍ୟ ଉତ୍ସ ରୂପେ ପରିଗଣିତ ହୁଏ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଂଚଟି କ୍ଷୁଦ୍ର ଜଳ ପ୍ରକଳ୍ପ ପ୍ରତିଷ୍ଠା ହୋଇ ସାରିଛି। ଏଥିରୁ ରାଜ୍ୟକୁ ୯୯ ମେଗାୱାଟ ବିଦ୍ୟୁତ ରାଜ୍ୟ ଗ୍ରୀଡ୍ କୁ ଯୋଗାଇ ଦିଆଯାଉଛି। ହାରାହାରି ୪୦୦ ମିଲିୟନ ୟୁନିଟ୍ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ସବୁଜ ଶକ୍ତି ମିଳିବାର ଆକଳନ କରାଯାଇଛି । ଆସନ୍ତା ଜାନୁୟାରୀ ୧୫ ସୁଦ୍ଧା ଅନ୍ୟ ଏକ ୯ ମେଗାୱାଟ କ୍ଷୁଦ୍ର ଜଳ ପ୍ରକଳ୍ପ ବରଗଡ ଜିଲ୍ଲାରେ ସମ୍ପୂର୍ଣ୍ଣ ହେବାକୁ ଅଛି। ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଗୁରୁତ୍ୱ ଦେଇ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡା ଆନ୍ଧ୍ର ଓ ଓଡିଶାର ଯୁଗ୍ମ କମିଟିର ଅନୁମୋଦନ ପରେ ଅନ୍ୟ ଦୁଇଟି ୧୮ ମେଗାୱାଟ ଏବଂ ୨୦ ମେଗାୱାଟ ପ୍ରକଳ୍ପ ମାଛକୁଣ୍ଡ ନଦୀ ଉପରେ ପ୍ରତିଷ୍ଠା ହେବାକୁ ଅଛି। ବିଦ୍ୟୁତ ଦୁର୍ଘଟଣାକୁ କମାଇବା ପାଇଁ ବିଦ୍ୟୁତ ସୁରକ୍ଷା ଏବଂ ଶକ୍ତିର ଉପଯୁକ୍ତ ବ୍ୟବହାର ପାଇଁ ଶକ୍ତି ସଂରକ୍ଷଣ ଉପରେ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଅଧିକ ଗୁରୁତ୍ୱ ଦେଇଛନ୍ତି। ବିଦ୍ୟୁତ ସୁରକ୍ଷା ଏବଂ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ବାର୍ତା ସମସ୍ତ ସାଧାରଣ ନାଗରିକ ପାଖରେ ପହଁଚାଇବାର ଆବଶ୍ୟକତା ଅଛି। ଏଥିପାଇଁ ସବୁ ପ୍ରକାର ଇଲୋକ୍ଟ୍ରନିକ ମିଡିଆ ତଥା ପ୍ରିଂଟ୍ ମିଡିଆ ଜରିଆରେ ଆବଶ୍ୟକ ପ୍ରଚାରପ୍ରସାର କରାଯାଉ ବୋଲି ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର କହିଥିଲେ। ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ରାଜ୍ୟରେ ବିଦ୍ୟୁତ ଶୁଳ୍କରୁ ଆଦାୟ ହେଉଥିବା ରାଜସ୍ୱ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରି କହିଲେ ଯେ ଗତବର୍ଷ ତୁଳନାରେ ଏ ବର୍ଷ ଶିଳ୍ପ ପ୍ରତିଷ୍ଠାନଗୁଡିକ ଏ ପର୍ଯ୍ୟନ୍ତ ଉତମ ପ୍ରଦର୍ଶନ କରିଛନ୍ତି।

# ଶିଶୁ ଛାୟା ବିଧାନସଭା : ଶିଶୁ ଅଧିକାର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଶିଶୁ ଅଧିକାର ସୁରକ୍ଷା, ଶିଶୁମାନେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାର ସମାଧାନ, ସେମାନଙ୍କ ମଧ୍ୟରେ ନେତୃତ୍ୱ ଗ୍ରହଣ କରିବା କଳା ପ୍ରମୁଖ ବିକାଶ ପାଇଁ ମଙ୍ଗଳବାର ପୁରାତନ ବିଧାନସୌଧ ସର୍ଦାର ପଟେଲ ହଲ, ଭୁବନେଶ୍ୱର ଠାରେ ଏକ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ଅନୁଷ୍ଠିତ ଉକ୍ତ ଛାୟା ବିଧାନସଭାକୁ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଉଦଘାଟନ କରି ଆୟୋଗର ଅଭିନବ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ବିଧାୟକମାନଙ୍କ ଦାୟିତ୍ୱ, କର୍ତବ୍ୟ, ସଂସଦୀୟ ଗଣତନ୍ତ୍ରର ଗାରିମା ଉପରେ ଆଲୋକପାତ କରିବା ସହ ଶିଶୁ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ବିଧାନସଭା ପୃଷ୍ଠପୋଷକ ଭୂମିକା ଗ୍ରହଣ କରିବ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଜାତୀୟ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଅର୍ଥ ମନ୍ତ୍ରୀ ତ୍ରିଲୋଚନ କାନୁନଗୋ ପ୍ରମୁଖ ଯୋଗ ଦେଇ ଭାରତୀୟ ଗଣତନ୍ତ୍ରର ଗୌରବମୟ ପରମ୍ପରା, ଜନସାଧାରଣଙ୍କ ହିତ ଓ ସ୍ୱାର୍ଥର ସୁରକ୍ଷା ପାଇଁ ବିଧାନସଭାର ଭୂମିକା ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇ ଆୟୋଗର କାର୍ଯ୍ୟାବଳୀ ଉପରେ ବିଶଦ ବିବରଣୀ ଦେଇଥିଲେ । ୟୁନିସେଫର ସହାୟତାରେ ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ଦିଗରେ ସଚେତନତା ସୃଷ୍ଟି ସହ ଶିଶୁ ଅଧିକାରର ସୁରକ୍ଷା ପାଇଁ ଆୟୋଗ ଆଶୁ ପଦକ୍ଷେପ ଗ୍ରହଣ କରୁଥିବା ସେ ସୂଚନା ଦେଇଥିଲେ ।ଆୟୋଗ ତରଫରୁ ବ୍ରାଣ୍ଡ ଆମ୍ବାସଡର ହିସାବରେ ମନୋନୀତ ଆନ୍ତର୍ଜାତିକ ଭାରୋତୋଳକ କେ. ରବି କୁମାର ମଧ ଏହି ଉତ୍ସବରେ ମଂଚାସୀନ ଥିଲେ । ଏହି ଛାୟା ବିଧାନସଭାରେ ରାଜ୍ୟର ୧୦୦ଜଣ ଶିଶୁ ଚୟନ କରାଯାଇ ଏହି ଛାୟା ବିଧାନସଭାରେ ଅଂଶ ଗ୍ରହଣ ପାଇଁ ସୁଯୋଗ ପ୍ରଦାନ କରାଯାଇଛି । ଶିଶୁମାନଙ୍କର ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିରୋଧୀ ଦଳ ନେତା, ମନ୍ତ୍ରୀ ଏବଂ ବିଧାନସଭା ସଭ୍ୟ ଭାବେ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଏବଂ ମନୋମୁଗ୍ଧକର ହୋଇଥିଲା ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୨୮ କରୋନା ପଜିଟିଭ୍ ଚିହ୍ନଟ: ୩୫ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୩୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୯୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୫ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

# ସାବରମତୀ ଆଶ୍ରମ ପୁନଃନିର୍ମାଣ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସଂସଦର ହସ୍ତକ୍ଷେପ ଦାବିରେ ଗଣଧାରଣା

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତୀ ଆଶ୍ରମର ପୁନଃ ନିର୍ମାଣ ପାଇଁ ଗୁଜୁରାଟ ସରକାର ଓ କେନ୍ଦ୍ର ସରକାର ୧୨୪୬ କୋଟି ଟଙ୍କା ବ୍ୟୟରେ ଯେଉଁ ପ୍ରକଳ୍ପ କରିବାକୁ ଯାଉଛନ୍ତି, ଏହା ଗାନ୍ଧିଜୀଙ୍କ ଐତିହ୍ୟକୁ ସବୁଦିନ ପାଇଁ ଲୋପ କରିଦେବାର ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରି ଏହା ବିରୁଦ୍ଧରେ ସାବରମତୀ ବଂଚାଅ ଅଭିଯାନ, ଓଡ଼ିଶା ପକ୍ଷରୁ ଆଜି ସ୍ଥାନୀୟ ଜନତା ମଇଦାନସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତି ସମ୍ମୁଖରେ ଏକ ପ୍ରତିବାଦ ଧାରଣା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଶ୍ରେଣୀର ନାଗରିକମାନଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରତିବାଦ ଧାରଣାରେ ବିଶିଷ୍ଟ ଗାନ୍ଧିବାଦୀ ବୁଦ୍ଧିଜୀବୀ ଡଃ ଭଗବାନ ପ୍ରକାଶ ଅଧ୍ୟକ୍ଷତା କରି ଏହି ପ୍ରକଳ୍ପର ସମାଲୋଚନା କରିବା ସହିତ କହିଥିଲେ ଯେ, ଗାନ୍ଧିଜୀଙ୍କର ପଦଚିହ୍ନକୁ ଆଗାମୀ ପିଢ଼ୀ ଠାରୁ ଦୂରେଇ ଦେବା ପାଇଁ ବିଜେପି ଓ ଏନ୍‌ଡ଼ିଏ ସରକାର ଯେଉଁ ଷଡ଼ଯନ୍ତ୍ର କରୁଛନ୍ତି, ଏହି ପ୍ରକଳ୍ପ ହେଉଛି ତାହାର ଏକ ଅଂଶବିଶେଷ। ତେଣୁ ଗାନ୍ଧୀଙ୍କ ବିଚାରଧାରରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକଟି ବ୍ୟକ୍ତି ଏହି ପ୍ରକଳ୍ପକୁ ବିରୋଧ କରିବାକୁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। 'ଅଭିଯାନ'ର ଆବାହକ ରବି ବେହେରା ଏହି ପ୍ରତିବାଦ ଧାରଣାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ୧୨୪୬ କୋଟି ଟଙ୍କାର ଏହି ପ୍ରକଳ୍ପ ବାଘର ସୁନା କଙ୍କଣ ବୋଲି ମତ ଦେଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦୁଇବର୍ଷ ତଳେ ଭାରତର ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ଚଳିତ ସଂସଦ ଅଧିବେଶନରେ ସମ୍ବିଧାନ ସଂଶୋଧନ ବିଲ୍ ଆଣିବା ପାଇଁ ସେ କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଥିଲେ। ଜଣାଶୁଣା ଗାନ୍ଧିବାଦୀ ଶ୍ରୀଯୁକ୍ତ ପ୍ରହ୍ଲାଦ ସିଂ ଏହି ପ୍ରତିବାଦ ଧାରଣାରେ ଯୋଗ ଦେଇ ସାବରମତୀ ଆଶ୍ରମର ଐତିହ୍ୟ ଓ ଇତିହାସ ଉପରେ ଅଧିକ ଆଲୋକପାତ କରି ଏହାକୁ ଏକ ସାତ ତାରକା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଗୁଜୁରାଟ ଓ କେନ୍ଦ୍ର ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହା ଗାନ୍ଧୀବାଦର ପରିପନ୍ଥୀ ବୋଲି ମତ ଦେଇଥିଲେ। ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏହି ଧାରଣାରେ ଯୋଗଦେଇ ସାବରମତୀ ପୁନଃ ନିର୍ମାଣ ପ୍ରକଳ୍ପ କେନ୍ଦ୍ର ସରକାରଙ୍କର ଗାନ୍ଧୀବାଦର ଐତିହ୍ୟ ଉପରେ ଚରମ ଆକ୍ରମଣ ବୋଲି ଅଭିହିତ କରିଥିଲେ। ଆଗାମୀ ପିଢ଼ୀକୁ ଗାନ୍ଧୀବାଦ ଓ ତାଙ୍କର ବିଚାରଧାରାରୁ ଦୂରେଇ ଦେବା ପାଇଁ ଏହା କେନ୍ଦ୍ର ସରକାରଙ୍କ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇ ଏହାକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ସିପିଆଇ (ଏମ୍‌ଏଲ) ନେତା ମହେନ୍ଦ୍ର ପରିଡ଼ାଙ୍କ ସମେତ ସର୍ବଶ୍ରୀ ସୁଧାଂଶୁ ଶେଖର ମହାପାତ୍ର, ସୁବାସ ଚନ୍ଦ୍ର ପଣ୍ଡା, ଅଭୟ ବଡ଼ଜେନା, ଚାଟାର୍ଡ଼ ଆକାଉଂଟାଂଟ ଚିତରଞ୍ଜନ ବେହେରା ଓ ସିଦ୍ଧାର୍ଥ ରଥ, କର୍ମଚାରୀ ନେତା ପ୍ରଫୁଲ୍ଲ ଦାସ, ନାରୀନେତ୍ରୀ ମନୋରମା ଖଟୁଆ, 'ଇଟ୍‌ରନିଟି' ଆଧାତ୍ମିକ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହନ୍ତ ଓ 'ଅଭିଯାନ'ର ସଦସ୍ୟ ନିର୍ମଳ ମଲ୍ଲିକ ଓ ସିଦ୍ଧାର୍ଥ ପଟ୍ଟନାୟକ ଓ କରୁଣାକର ହୋତା ପ୍ରମୁଖ ଏହି ଧ୍ୱଂସକାରୀ ଷଡ଼ଯନ୍ତ୍ରମୂଳକ ପ୍ରକଳ୍ପ ବିରୁଦ୍ଧରେ ପ୍ରତ୍ୟେକଟି ଗାନ୍ଧିବାଦୀ, ଗଣତନ୍ତ୍ର ମୂଲ୍ୟବୋଧ ଓ ଗାନ୍ଧିବାଦୀ ବିଚାରଧାରାରେ ବିଶ୍ୱାସ କରୁଥିବା ଜନସାଧାରଣ ଏହାର ବିରୋଧ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଶେଷରେ ଯୁବନେତା ବିଶ୍ୱଜିତ ମଲ୍ଲିକ(ଫିଂଟୁ) ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ସାବରମତୀ ବଂଚାଅ ଅଭିଯାନ ପକ୍ଷରୁ ଏହି ପ୍ରକଳ୍ପ ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ଓଡ଼ିଶାରେ ଗାନ୍ଧିଜୀ ଆସିଥିବା ସମସ୍ତ ସ୍ଥାନକୁ ଗ୍ରସ୍ତ କରି ଗାନ୍ଧିବାଦୀମାନଙ୍କୁ ଏକଜୁଟ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ସଂସଦ ଚାଲୁଥିବା ଯୋଗୁ ସାଂସଦମାନେ ବିଜେପିର ଏହି ଷଡ଼ଯନ୍ତ୍ର ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଅଭିଯାନ ପକ୍ଷରୁ ନିବେଦନ କରାଯାଇଛି।

## ସର୍ବଦଳୀୟ ବୈଠକକୁ ବର୍ଜନ କଲା ବିଜେପି

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଆଗାମୀ ନଭେମ୍ବର ୧ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ବାଚସ୍ପତିଙ୍କ ଦ୍ୱାରା ଆହୁତ ସର୍ବଦଳୀୟ ବୈଠକକୁ ଭାରତୀୟ ଜନତା ପାର୍ଟୀ ବର୍ଜନ କରିଛି । ମୁଖ୍ୟ ବିରୋଧୀ ଦଳ ହିସାବରେ ବିଜେପିକୁ ତାର ହକ୍ ଦିଆଯାଉ ନଥିବା ଅଭିଯୋଗ କରି ପାର୍ଟୀର ବିଧାୟକ ଦଳର ଉପନେତା ବିଷ୍ଣୁ ଚରଣ ସେଠୀ ବୈଠକକୁ ବହିଷ୍କାର କରିଛନ୍ତି । ଏହି ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏବଂ ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ସାମିଲ କରିବାକୁ ଦାବି ବିଜେପି ଦାବି କରିଥିଲା । ଗତ ସର୍ବଦଳୀୟ ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିବା ଥିଲେ ବି ଏଥର ଏହାକୁ ବାଚସ୍ପତି ଆଗ୍ରହ୍ୟ କରି ଦେବାରୁ ବୈଠକକୁ ବିଜେପି ବର୍ଜନ କରିଛି । ଗଣତନ୍ତ୍ର ଏବେ ହାସ୍ୟତନ୍ତ୍ରରେ ପରିଣତ ହୋଇଗଲାଣି ବୋଲି ସେ କହିଛନ୍ତି ।

# ଓଡିଶା ଓ ମହାରାଷ୍ଟ୍ର ମଧ୍ୟରେ ସାଂସ୍କୃତିକ ଭାବବିନିମୟ ଆଲୋଚନାଚକ୍ର



ଭୁବନେଶ୍ୱର,୩୦/୧୧ (ନି.ପ୍ର): ଓଡିଶା ଓ ମହାରାଷ୍ଟ୍ର ମଧ୍ୟରେ ସାଂସ୍କୃତିକ, କଳା, ସାହିତ୍ୟ, ରାଜନୈତିକ ଆଦି ସମ୍ପର୍କ ଦୀର୍ଘକାଳରୁ ରହିଆସିଛି ବୋଲି ମହାତ୍ମାଗାନ୍ଧୀ ମିଶନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧୀର ଗଭାନେ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପତ୍ରସୂଚନା କାର୍ଯ୍ୟାଳୟ ଓ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ସାଂସ୍କୃତିକ ଭବବିନିମୟ କାର୍ଯ୍ୟକ୍ରମ ଅଧୀନରେ ଆଜି ଆୟୋଜିତ ଏକ ୱେବିନାର ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ପ୍ରଫେସର ଗଭାନେ କହିଛନ୍ତି ଯେ ସଙ୍ଗୀତ, ନୃତ୍ୟ,କଳା ଆଦି ଦୁଇଟି ରାଜ୍ୟର ସମ୍ପର୍କକୁ ସୁଦୃଢ କରିବାରେ ସାହାଯ୍ୟ କରିଥାଏ । ଓଡିଶା ଓ ମହାରାଷ୍ଟ୍ର ମଧ୍ୟରେ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ଅନେକ ସମାନତା ଓ ସମ୍ପର୍କ ରହିଆସିଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଉଭୟ ରାଜ୍ୟର ହଜାର ହଜାର ସଂଗ୍ରାମୀ ଆତ୍ମବଳିଦାନ ଦେଇଛନ୍ତି । ଓଡିଆ ପ୍ରାଚୀନ ସାହିତ୍ୟ ଓ ମହାରାଷ୍ଟ୍ରର ପ୍ରାଚୀନ ସାହିତ୍ୟ ମଧ୍ୟରେ ଚତୁର୍ଦ୍ଦଶ ଶତାବ୍ଦୀରୁ ସାମାଞ୍ଜସ୍ୟ ରହିଥିବା ଭାରତର ବୈଶିଷ୍ଟ୍ୟ ବୋଲି କହିଥିଲେ । ମରାଠା ଶାସନ କାଳରେ ଦେଶର ବିଭିନ୍ନ ସ୍ଥାନକୁ ସଂଯୋଗ ନିମନ୍ତେ ନିର୍ମିତ ହୋଇଥିବା ସଡକ ଏବେ ଗୁରୁତ୍ୱପୂର୍ଣ୍ଣ ରାଜପଥରେ ପରିଣତ ହୋଇଥିବା ଦର୍ଶାଇ ଉଭୟ ରାଜ୍ୟର ବାସିନ୍ଦା ପରସ୍ପର ପ୍ରତି ଅତ୍ୟନ୍ତ ସହନଶୀଳ ବୋଲି ମତ ଦେଇଥିଲେ । ବିଶ୍ୱ ଓଡିଶା ସମାଜର ଭାରତୀୟ ଖଣ୍ଡ ସଭାପତି ଡକ୍ଟର ବିପିନ ବିହାରୀ ମିଶ୍ର ଓଡିଶା ଏବଂ ମହାରାଷ୍ଟ୍ର ମଧ୍ୟରେ ଥିବା ସାମାଜିକ ଓ ସାଂସ୍କୃତିକ ସମ୍ପର୍କର ଇତିହାସ ଆଲୋଚନା କରିଥିଲେ । ଓଡିଶା ଲୋକମାନଙ୍କ ଯୋଗୁଁ ହିଁ ସମାଜରେ ଶାନ୍ତି ବିରାଜମାନ କରେ ବୋଲି ମହାରାଷ୍ଟ୍ରର ପୂର୍ବତନ ରାଜନେତା ବାଲ୍ ଠାକ୍‌ରେଙ୍କ ମନ୍ତବ୍ୟକୁ ଉଦ୍ଧାର କରି ମହାରାଷ୍ଟ୍ରର ସବୁ ଧର୍ମପୀଠରେ ଓଡିଶାର ଲୋକଙ୍କ ଉପସ୍ଥିତି ଅଧିକା ବୋଲି କହିଥିଲେ । ମୁମ୍ବାଇ ପତ୍ରସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଡକ୍ଟର ରାହୁଲ ଟିଡ଼୍‌କେ 'ଏକ ଭାରତ,ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ ଉଭୟ ରାଜ୍ୟର ଲୋକେ ପରସ୍ପରର ସମୃଦ୍ଧିରେ ସହାୟକ ହୋଇଥିବା କହିଥିଲେ । ଦୀର୍ଘ ଦଶନ୍ଧି ଧରି ଓଡିଶାର ଲୋକେ ମହାରାଷ୍ଟ୍ରରେ ବିଭିନ୍ନ ସ୍ଥାନରେ ବାସ କରି ଏହାକୁ ନିଜର ଦ୍ୱିତୀୟ ଘର ବୋଲି ଭାବିବା ଏକ ଗର୍ବର ବିଷୟ ବୋଲି ମତ ଦେଇଥିଲେ । ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ବିବିଧତା ମଧ୍ୟରେ ଏକତାର ଉଦାହରଣ ଭାବେ ଓଡିଶା ଓ ମହାରାଷ୍ଟ୍ରର ସମ୍ପର୍କକୁ ବର୍ଣ୍ଣନା କରିଥିଲେ । ଦେଶରେ ପୂର୍ବ ଉପକୂଳବର୍ତ୍ତୀ ରାଜ୍ୟ ଓଡିଶା ଏବଂ ପଶ୍ଚିମ ଉପକୂଳବର୍ତ୍ତୀ ରାଜ୍ୟ ମହାରାଷ୍ଟ୍ର ମଧ୍ୟରେ ଭୌଗୋଳିକ, ସାଂସ୍କୃତିକ, କଳାଗତ, ଭାଷାଗତ ଆଦି ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ଦୀର୍ଘକାଳରୁ ରହିଥିବା କହିଥିଲେ । ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଲୋଚନା ଆରମ୍ଭରେ ଅତିଥି ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ୧୯୩୪ମସିହାରୁ ଓଡିଶାର ପ୍ରଥମ ଚଳଚ୍ଚିତ୍ର ନିର୍ମାଣଠାରୁ ଏପର୍ଯ୍ୟନ୍ତ କଳାର ସବୁ କ୍ଷେତ୍ରରେ ମହାରାଷ୍ଟ୍ର ସହ ଓଡିଶାର ସମ୍ପର୍କ ନିବିଡ ବୋଲି କହିଥିଲେ । ପତ୍ରସୂଚନା କାର୍ଯ୍ୟାଳୟର ଗଣଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାରେ ପୂର୍ବତଟ ରେଳବାଇର ପୂର୍ବତନ ଜନସମ୍ପର୍କ ଅଧିକାରୀ ଶ୍ରୀ ରବିନାରାୟଣ ମହାପାତ୍ରଙ୍କ ସମେତ ମନ୍ତ୍ରଣାଳୟର ବହୁ ବରିଷ୍ଠ ଅଧିକାରୀ ଏବଂ ଉଭୟ ରାଜ୍ୟର ବାସିନ୍ଦା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରୀୟ ଅବହେଳାକୁ ପ୍ରସଙ୍ଗ କରିବ ବିଜେଡି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଶୀତକାଳୀନ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳକୁ ଘେରିବାକୁ ବିରୋଧୀ ଦଳ ତଥା ବିଜେପି ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରିସାରିଛନ୍ତି। ସେହିପରି ମଙ୍ଗଳବାର ଅପରାହ୍ନରେ ଶାସକ ବିଜୁ ଜନତା ଦଳର ମଧ୍ୟ ବିଧାୟକ ଦଳ ବୈଠକ ବସିଥିଲା। ବୈଠକରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଚଳିତ ବିଧାନସଭାରେ ବିଜେଡି କେନ୍ଦ୍ରୀୟ ଅବହେଳାକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ବିଧାୟକ ଦଳର ବୈଠକ ପରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ବିଜେଡି ଗୃହରେ ଏଲ୍‌ପିଜି, ଦରଦାମ୍ ବୃଦ୍ଧି ପ୍ରସଙ୍ଗ ଉଠାଇବ। କୋଇଲା ରୟାଲ୍ଟି ଓ ଏମ୍‌ଏସ୍‌ପି ପ୍ରସଙ୍ଗ ମଧ ଉଠିବ। ସ୍ୱାମୀନାଥନ କମିଟି ସୁପାରିସ୍ କାର୍ଯ୍ୟକାରୀ କରିବା ପାଇଁ ପ୍ରସଙ୍ଗ ଉଠିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ରୁପ୍ସା ଉତ୍ତର କ୍ୟାବିନରେ ପୁଣି ଦୁର୍ଘଟଣା : ଅଟକି ରହିଲା ଦମକଳ
## ଫାଟକକୁ ଧକ୍କା ଦେଲା ଭ୍ୟାନ : ଟ୍ରେନ ଚଳାଚଳ ବାଧାପ୍ରାପ୍ତ



ରୂପ୍‌ସା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରୂପଶା ରେଳ ଷ୍ଟେସନ ର ରୂପଶା ଉତ୍ତର କେବିନ ଠାରେ ପୁଣି ଦୁର୍ଘଟଣା ଘଟିଛି । କିଛି ଦିନ ପୂର୍ବରୁ ଦୀପବଳୀ ସନ୍ଧ୍ୟା ଫାଟକ ଭାଙ୍ଗି ଥିଲା ପୁଣି ଏହି ଘଟଣାର ପୁନରବୃତି ଘଟିଛି । ଏକ ମୁଢି ବୋଝେଇ ପିକ ଅପ ଯାଉଥିବା ସମୟରେ ଫାଟକ ପକାଉ ପକାଉ ପିକ ଅପ ର ମୁଢି ବସ୍ତା ରେ ଫାଟକ ଟି ଭାଙ୍ଗି ଯାଇ ୨୫ କେଭି ବିଦ୍ୟୁତ ତାର ସହିତ ସଂଯୋଗ ହୋଇଥିଲା । ଫାଟକ ଟି ସମ୍ପୂର୍ଣ ଭାଙ୍ଗି ଯାଇଥିବା ବେଳେ ରାସ୍ତା ରେ ମୁଢି ନଷ୍ଟ ହୋଇଥିବା ର ଦୃଶ୍ୟ ଦେଖିବାକୁ ମିଳିଛି । ଉକ୍ତ ପିକ ଅପ ଘଟଣା ସ୍ଥଳରୁ ଚମ୍ପଟ ମାରିଛି । ଗୋଟିଏ ପଟେ ଟ୍ରେନ ସଂଖ୍ୟା ବଢୁଥିବା ବେଳେ ଫାଟକ ଉଠାଇ ସଙ୍ଗେ ସଙ୍ଗେ ପୁଣି ଫାଟକ ପକାଇବା ଗେଟ କିପର କୁ ମହଙ୍ଗା ପଡୁଛି । ରୁପ୍ସା ଉତ୍ତର କେବିନ ଫାଟକ ଥରେ ପଡି ରହିଲେ ୪୫ ମିନିଟ ପର୍ଯ୍ୟନ୍ତ ପଡି ରହୁଥିବାରୁ ରାସ୍ତା ର ଉଭୟ ପାର୍ଶ୍ୱ ଜାମ ରହୁଛି । ଏହି ରାସ୍ତା ମୟୂରଭଞ୍ଜ ୧୮ ନମ୍ବର ଜାତୀୟ ରାଜପଥ ଠାରୁ ୧୬ ନମ୍ବର ଜାତୀୟ ରାଜପଥ ଯୋଗାଯୋଗ କରୁଥିବା ବେଳେ ଏହି ଫାଟକ ପାଇଁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଅଟକି ରହିବା ସହ ରୋଗୀ ଓ ପ୍ରସୁତି ହନ୍ତସନ୍ତ ହେଉଥିବା ବହୁଥର ଦେଖିବାକୁ ମିଳିଛି ତେବେ ଏହି ଦୁର୍ଘଟଣା ସମୟ ପରେ ପରେ ବାମଡା ଗ୍ରାମକୁ ନିଆଁ ଲିଭାଇବା କୁ ଯାଉଥିବା ଏକ ଦମକଳ ଅଟକି ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି ।

## ଶହୀଦ ଦିବାକର ପରିଡ଼ା ଥିଲେ ରାଷ୍ଟ୍ରପ୍ରେମର ମହାନ ପ୍ରତୀକ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଶହୀଦ ହୋଇଥିବା ଦିବାକର ପରିଡ଼ାଙ୍କ ୧୧୧ତମ ଜୟନ୍ତୀ ସ୍ଥାନୀୟ ୟୁନିଟ୍-୯ସ୍ଥିତ ପ୍ରତିମୂର୍ତିସ୍ଥଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ହଟନାଥ ମଙ୍ଗରାଜ, ଧର୍ମଗଡ଼ ବିଧାୟକ ମହୌଷଧୀ ବାଗ, ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସ୍ମୃତିଚାରଣ କରି କହିଥିଲେ ଯେ, ଅସୀମ ବୀରତ୍ୱ, ଦେଶଭକ୍ତି, ବ୍ରିଟିଶ ବିରୋଧରେ ସଂଗ୍ରାମ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା। ଆଜିର ଯୁବପିଢି ତାଙ୍କ ଆଦର୍ଶକୁ ଅନୁସରଣ କରିବା ଉଚିତ୍। ଏହି ଅବସରରେ ସାରସ୍ୱତ ସାଧିକା ଡ. ଜୟଶ୍ରୀବାଳା ମଲ୍ଲିକ ଓ ସଙ୍ଗୀତଜ୍ଞ ବିପିନ ବିହାରୀ ସ୍ୱାଇଁଙ୍କୁ ଶହୀଦ ଦିବାକର ସ୍ମୃତି ସମ୍ମାନ୨୦୨୧ ପ୍ରଦାନ କରାଯାଇଥିଲା।

## ଏମ.କେ.ସି. ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ସର୍ବେଶ୍ୱର ମହାନ୍ତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାରିପଦା,୩୦/୧୧(ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସର୍ବେଶ୍ୱର ମହାନ୍ତଙ୍କ ବିୟୋଗରେ ବିଦ୍ୟାଳୟ ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ଶିକ୍ଷକ ଅମିତାଭ ମିଶ୍ର, ମନୋଜ କୁମାର ପରିଡା, ପ୍ରଦୀପ କୁମାର ଦଣ୍ଡପାଟ, ଅମୂଲ୍ୟ କୁମ୍ଭକାର ଓ ଉପେନ୍ଦ୍ରନାଥ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସ୍ୱର୍ଗତ ସର୍ବେଶ୍ୱର ମହାନ୍ତଙ୍କ ସ୍ମୃତି ରଣ କରିବା ସହ ତାଙ୍କ ଜୀବନଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବରେ ତାଙ୍କର ସୁନାମ ଥିବା ବେଳେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସର୍ବଜନ ବିହିତ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ପ୍ରତି ସେ ସାରା ଜୀବନ ସର୍ମପିତ ଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

# ଗୋଟିଏ ଦିନରେ ୨୨୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୯୧୦୮ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୩୦୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୩୮ ରହିଛି। ଆଜି ଚିହ୍ନଟ ହୋଇଥିବା ୨୨୮ ଜଣଙ୍କ ମଧ୍ୟରୁ ୧୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୯୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ୨, ବାଲେଶ୍ୱର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୧, ଭଦ୍ରକ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୫, ଜଗତସିଂହପୁର ଜିଲ୍ଲାରୁ ୪ ଜଣ, ଯାଜପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧୦, ରାୟଗଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୧ ଜଣ ଓ ସୋନପୁର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଦେଶରେ କରୋନାର ନୂଆ ମାମଲା କମିବାରେ ଲାଗିଛି : ଗତ ୨୪ ଘଂଟାରେ ୭ ହଜାର ନୂଆ ରୋଗୀ

ନୂଆଦିଲ୍ଲୀ, ୩୦/୧୧ (ନି.ପ୍ର): ଦେଶରେ କରୋନାର ନୂଆ ମାମଲା ଧିରେ ଧିରେ କମିବାରେ ଲାଗିଛି । ଗତ ୨୪ ଘଂଟାରେ ପୁରା ଦେଶରେ ସମୁଦାୟ ୭ ହଜାର ୯୯୦ ଜଣ ନୂଆ ରୋଗୀ ସାମନାକୁ ଆସିଥିବା ବେଳେ ଏହି ସମୟ ମଧ୍ୟରେ ଦେଶରେ ସମୁଦାୟ ୧୯୦ ଜଣଙ୍କର ମୃତ୍ୟ ଘଟିଛି । ସେହିଭଳି କରୋନାରୁ ଆରୋଗ୍ୟ ହୋଇ ଫେରିଥିବା ଲୋକଙ୍କ ସଂଖ୍ୟା ୧୦ ହଜାର ୧୧୬ ଜଣ ରହିଛି । ପୁରା ଦେଶରେ ବର୍ତମାନ କେରଳରେ ସବୁଠାରୁ ଅଧିକ ନୂଆ କରୋନାରେ ଆକ୍ରାନ୍ତ ହେଉଥିବା ଜଣାପଡିଛି । କେରଳରେ ମଂଗଳବାର ସକାଳ ସୁଦ୍ଧା ଗତ ୨୪ ଘଂଟାରେ ୩ ହଜାର ୩୮୨ ନୂଆ ରୋଗୀ ଚିହ୍ନଟ ହୋଇଥିବା ଜଣା ପଡିଛି । ପୁରା ରାଜ୍ୟରେ ଗତ ୨୪ ଘଂଟାରେ ୧୧୭ ଜଣ ରୋଗୀଙ୍କର କରୋନାରେ ମୃତ୍ୟୁ ହୋଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ମଂଗଳବାର ସକାଳ ସୁଦ୍ଧା ଗତ ୨୪ ଘଂଟା ମଧ୍ୟରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନାରେ ସଂକ୍ରମଣ ହାର ୦.୬୯ ପ୍ରତିଶତ ଅଛି । ଏହି ସମୟରେ ଦେଶରେ ୧ ଲକ୍ଷ ୫୪୩ କରୋନା ଆକ୍ଟିଭ ମାମମଲା ଅଛି । କରୋନାରେ ସମୁଦାୟ ଦେଶରେ ଆଜିସୁଦ୍ଧା ୩ କୋଟି ୪୦ ଲକ୍ଷ ୧୮ ହଜାର ୨୯୯ ଜଣ ଲୋକ ଠିକ ହୋଇସାରିଛନ୍ତି । ବର୍ତମାନ କରୋନାର ରିକଭରି ରେଟ ୯୮. ୩୫ ପ୍ରତିଶତ ଅଛି । ଆଇ ସିଏମ୍ ଆର ରିପୋର୍ଟ ଅନୁଯାଇ ବର୍ତମାନ ସୁଦ୍ଧା ଦେଶରେ ୬୪ କୋଟି ୧୩ ଲକ୍ଷ ଟେଷ୍ଟ ହୋଇସାରିଛି । ସମୁଦାୟ ଦେଶରେ କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ୧୨୩ କୋଟି ୨୫ ଲକ୍ଷ ଟୀକା ଦିଆସରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆଜିଠୁ ବିଧାନସଭା ବିଧାନସଭାରେ....

ବୈଠକ ବସି ଦଳର ରଣନୀତି ପ୍ରସ୍ତୁତ କରାଯାଇଛି। ବିରୋଧୀ ଦଳ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା , ମମିତା ମେହେର ହତ୍ୟାକାଣ୍ଡ, ମହିଳା ବିରୋଧୀ ଅପରାଧ ବୃଦ୍ଧି , ମଣ୍ଡି ଅବ୍ୟବସ୍ଥା ଆଦିକୁ ପ୍ରସଙ୍ଗ କରି ସରକାରଙ୍କୁ ଘେରିବେ। ଅପରପକ୍ଷରେ ଶାସକ ଦଳ କେନ୍ଦ୍ରୀୟ ଅବହେଳା ଓ ଦରଦାମ୍ ବୃଦ୍ଧି କୁ ଢାଲ କରିବ। ଏଥର ମଧ୍ୟ ୨ ଟି ପର୍ଯ୍ୟାୟରେ ଦିନକୁ ୫ ଘଂଟା ଗୃହର ବୈଠକ ବସିବ। ଡିସେମ୍ବର ୧ ତାରିଖ ଦିନ ଗୃହର ପ୍ରାରମ୍ଭିକ ଅଧିବେଶନ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ ଏବଂ ଅନ୍ୟ ଦିନରେ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ମିନିଟ୍ ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୃହର ପ୍ରାରମ୍ଭିକ ଦିବସରେ ଶୋକ ପ୍ରସ୍ତାବ ଆଗତ ହେବ ଏବଂ ଗୃହ ସେହି ଦିନ ପାଇଁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଲତବୀ ରହିବ। ଅପରାହ୍ନ ୫ଟା ସମୟରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଗତ ହେବ। ଗୃହରେ ନିୟମିତ ଭାବେ ଉଭୟ ତାରକା ଏବଂ ଅଣତାରକା ଚିହ୍ନିତ ପ୍ରଶ୍ନମାନଙ୍କର ଉତର ରଖାଯିବ । ଠିକ୍ ସେହିଭଳି ଗୃହରେ ମୁଲତବୀ ପ୍ରସ୍ତାବ ମଧ ବିରୋଧୀଦଳ ତରଫରୁ ଆଗତ କରାଯାଇପାରିବ । ମୁଲତବୀ ପ୍ରସ୍ତାବ ୯୦ ମିନିଟ ଆଲୋଚନା ହେବ । ବିରୋଧୀ ୫୫ ମିନିଟ ଓ ମନ୍ତ୍ରୀଙ୍କ ଉତର ସହ ଶାସକ ଦଳ ପାଇଁ ୩୫ ମିନିଟ ରହିବ । ସପ୍ତାହକ ୬ ଦିନ ଭିତରେ ୪ ଦିନ ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ୨ ଦିନ ମୁଲତବୀ ପ୍ରସ୍ତାବ ଦେଇ ପାରିବେ । ସମ୍ପର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଗୃହ କାର୍ଯ୍ୟ ଚାଲିବ ଏବଂ ପୂର୍ବ ଥର ଭଳି ବିଧାୟକମାନଙ୍କ ପାଇଁ ଆସନ ବ୍ୟବସ୍ଥା ଗ୍ରହଣ କରାଯିବ । ପ୍ରତ୍ୟହ ବିଧାନସଭାକୁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଶୋଧନ କରାଯିବ । ଗଣମାଧମ ପ୍ରତିନିଧିମାନେ ବିଧାନସଭା କାର୍ଯ୍ୟକ୍ରମକୁ ବିଧାନସଭା ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ପ୍ରସାରଣ ବ୍ୟବସ୍ଥା କରିପାରିବେ। ଓକାକ୍, ଭୁବନେଶ୍ୱର, ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ, ବିରୋଧୀ ଦଳ ନେତା ଏବଂ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳମାନଙ୍କ ଭିଡିଓ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇ ସଭ୍ୟମାନେ ଗୃହର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ।

### ଡିସେମ୍ବର ପାଇଁ ଆସିଲା କୋଭିଡ୍ ....

ସ୍ଥାନରେ ସପ୍ତାହନ୍ତ ସଟଡାଉନ ଲାଗୁ ହେବନି । ପ୍ରଦର୍ଶନୀ, ଏକ୍ସପୋ, ମେଳା ଓ ବାଣିଜ୍ୟ ଉପରେ କଟକଣା ଲାଗୁ ହୋଇଛି । ସେହିପରି କ୍ଲବ କନଭେନ୍ସନ ହଲ, କଲ୍ୟାଣ ମଣ୍ଡପରେ ଜନସମାଗମ ମନା ହୋଇଛି । ତେବେ ଡିସେମ୍ବର ଗାଇଡଲାଇନରେ ବାହାଘରକୁ ନେଇ ସେହି ପୁରୁଣା ନିୟମ ଲାଗୁ ହେବ। ଅର୍ଥାତ ବାହାଘରରେ ୨୫୦ ଜଣ ସାମିଲ ହୋଇପାରିବେ। ଡିସେମ୍ବର ମାସରେ ଅଧିକ ସଂଖ୍ୟକ ବାହାଘର ରହିଛି । ଆଉ ଏହି ସବୁ ବାହାଘରରେ ସର୍ବାଧିକ ୨୫୦ ଜଣଙ୍କୁ ସାମିଲ ହେବାକୁ ଅନୁମତି ଦେଇଛନ୍ତି ସରକାର। ବରପକ୍ଷ, କନ୍ୟାପକ୍ଷ, ପଣ୍ଡିତ, ବନ୍ଧୁ ବାନ୍ଧବ ଏପରିକି ବାହାଘରରେ ସାମିଲ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସଂଖ୍ୟା ୨୫୦ରୁ ଅଧିକ ହେବନି। ଏହାବାଦ୍ ବାହାଘର ଶୋଭାଯାତ୍ରାରେ ସର୍ବାଧିକ ୫୦ ଜଣ ସାମିଲ ହୋଇପାରିବେ ।

### ରାଜ୍ୟସଭାରୁ ୧୨ ସଦସ୍ୟଙ୍କୁ ....

ବିରୋଧୀ କକ୍ଷ୍ୟତ୍ୟାଗ କରିଥିଲେ । କଂଗ୍ରେସ ସମେତ ଡିଏମକେ ଓ ନ୍ୟାସନାଲ କନଫରେନ୍ସ କକ୍ଷ୍ୟତ୍ୟାଗ କରିବାରୁ ଅପରାହ୍ନ ୨ଟା ଯାଏଁ ଲୋକସଭାକୁ ବାତିଲ କରିଥିଲେ ବାଚସ୍ପତି । ସେପଟେ ରାଜ୍ୟସଭା ଅଧ୍ୟକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ସଂସଦ ଭବନ ପରିସରରେ ଥିବା ଗାନ୍ଧୀ ମୂର୍ତି ତଳେ ଧାରଣା ଦେଇଛନ୍ତି ବିରୋଧୀ ସଦସ୍ୟ । କଂଗ୍ରେସ, ଟିଏମସି, ଶିବସେନା, ସିପିଆଇ ଓ ସିପିଏମ ସଦସ୍ୟ ନିଲମ୍ବିତ ହୋଇଥିବାବେଳେ ଏହାକୁ ନିନ୍ଦା କରି ପ୍ରାୟ ୧୪ଟି ବିରୋଧୀ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଗତକାଲି ମଧ ଏମାନେ ସରକାର ଏକପାଖିଆ ଭାବେ କୃଷି ଆଇନ ପ୍ରତ୍ୟାହାର ବିଲ ପାରିତ କରିଥିବା ଅଭିଯୋଗରେ ଧାରଣା ଦେଇଥିଲେ । ସଂସଦରେ ଆଲୋଚନା ନକରି ବିଲ ପାରିତ କରାଇଥିବାରୁ ଏହାକୁ ନିନ୍ଦା କରି ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ ବିରୋଧୀ ଦଳର ସଦସ୍ୟ । ଆଜି ମଧ ସମାନ ଚିତ୍ର ଦେଖିବାକୁ ମିଳିଛି ।

### ସମ୍ବାଦପତ୍ର ହକର୍‌ଙ୍କ ପାଇଁ ସାମାଜିକ....

ହକର୍ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହି ସମସ୍ୟାକୁ ଦୂର କରିବା ପାଇଁ ରାଜ୍ୟ ସରକାର ସେମାନଙ୍କ ପାଇଁ ଜିଲ୍ଲାସ୍ତରରେ ଉପଯୁକ୍ତ ୱାର୍କସେଡ୍ ନିର୍ମାଣ କରି ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି । ଏହାସହିତ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାଜ୍ୟ ଓ ଜିଲ୍ଲାସ୍ତରରେ ହକର୍ ମାନଙ୍କର ଏକ ଡିଜିଟାଲ ଡାଟା ବେସ୍ ପରିଚାଳନା କରାଯାଇ ସମସ୍ତ ହକର୍ ମାନଙ୍କୁ ଜିଲ୍ଲା ସ୍ତରରେ ଯାଂଚ କରାଯାଇ ପରିଚୟ ପତ୍ର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### କୋଟିପତି କନଷ୍ଟେବଲ : ୪ କୋଠା....

ଭିଜିଲାନ୍ସ ସ୍କାନରରେ ରହିଥିଲେ। ଜଣେ ଅତିରିକ୍ତ ଏସ୍‌ପି, ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦୁଇ ସପ୍ତାହ ତଳେ ରାଜ୍ୟ ସରକାର ଆଉ ୮ ଜଣ ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀ ତଥା କର୍ମଚାରୀଙ୍କୁ ବାଧତାମୂଳକ ଅବସର ଦେଇଥିଲେ। ସେମାନଙ୍କ ମଧ୍ୟରୁ କେତେ ଜଣ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସରକାର ଏଯାବତ ଏଭଳି ୧୩୦ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ବାଧତାମୂଳକ ଅବସର ଦେଇ ସାରିଲେଣି।

### ବିଜେପି ବିଧାୟକ ଦଳ....

ହତ୍ୟାକାଣ୍ଡ; ମହିଳା ନିର୍ଯ୍ୟାତନା; ଶିଶୁ ଅପହରଣ ଓ ହତ୍ୟା; ମଣ୍ଡି ସମସ୍ୟା; ବେକାରୀ ସମସ୍ୟା; ବ୍ରାଉନସୁଗାର ଓ ଗଞ୍ଜେଇର ବ୍ୟାପକ କାରବାର; କାମ୍ପା, ଡିଏମ୍‌ଏଫ୍ ଫଣ୍ଡର ବାଟମାରଣା ଓ ହରିଲୁଟ; ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲଥ୍ କାର୍ଡର ପ୍ରହେଳିକା; ବିଦ୍ୟାଳୟ ରୂପାନ୍ତରିକରଣ ପ୍ରହସନ; ମାହାଙ୍ଗା ଡବଲ୍ ମର୍ଡର, ଏସିଏଫ୍ ସୌମ୍ୟରଂଜନ ରହସ୍ୟଜନକ ମୃତ୍ୟୁ ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି; ପ୍ରଧାନମନ୍ତ୍ରୀ ଆବାସ ଘୋଟାଲା ଆଦି ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହେବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକ ଅବସରରେ ଆଲୋଚନା ହୋଇଥିବା ପ୍ରସଙ୍ଗ ସଂପର୍କରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସୂଚନା ଦେଇ କହିଛନ୍ତି । ମମିତା ମେହେର୍ ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା କାରଣରୁ ଏହାକୁ ଭାରତୀୟ ଜନତାପାର୍ଟି ବିଧାୟକ ଦଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହିସାବରେ ନିଆଯାଇଛି । ବାଚସ୍ପତି ଯଦି ନିରପେକ୍ଷତା ଅବଲମ୍ବନ କରି ଆଲୋଚନା ପାଇଁ ନିଷ୍ପତି ନିଅନ୍ତି, ତାହାଲେ ବିଜେପି ଗୃହ ଚଲାଇବା ପାଇଁ ସଂପୂର୍ଣ୍ଣ ସହଯୋଗ କରିବା ସହ ରାଜ୍ୟର ସ୍ୱାର୍ଥ ସଂପର୍କିତ ସମସ୍ତ ଆଲୋଚନାରେ ଭାଗ ନେବ ବୋଲି ଶ୍ରୀ ମାଝୀ ସୂଚନା ଦେଇ କହିଛନ୍ତି । କେନ୍ଦ୍ରୀୟ ଯୋଜନାର ଅର୍ଥକୁ ଦଳୀୟ ଆଧାରରେ ଶାସକ ବିଜେଡିର ନେତା ଓ କର୍ମୀମାନଙ୍କୁ ବଂଟନ କରାଯାଉଛି । ଓଡିଶାବାସୀଙ୍କ ମୌଳିକ ସମସ୍ୟାର ସମାଧାନକୁ ଆଧାର କରି ଚଳିତ ବିଧାନସଭା ଅଧିବେସନରେ ବିଜେପି ତରଫରୁ ରାଜ୍ୟ ସରକାରଙ୍କଠାରୁ ଜବାବ୍ ମଗାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି । ଆସନ୍ତା କାଲିଠୁ ବିଧାନସଭା ଅଧିବେଶନ ଆରମ୍ଭ ହେବ । ଏହି ଅବସରରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି । ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ସମସ୍ତ ବିଧାୟକ ବିଧାୟିକାମାନେ ଉପସ୍ଥିତ ଥିଲେ ।

## ପ୍ରତ୍ୟେକ ପରିବାରକୁ ସେବା ଯୋଗାଇବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ



ଖଇରା, ୩୦/୧୧ (ନି.ପ୍ର): ବର୍ଷ ଶାସନକାଳ ମଧ୍ୟରେ ନବୀନ ସରକାର ୧୦୭ ଯୋଜନା ପ୍ରଣୟନ କରି ଜନସାଧାରଣ ଙ୍କୁ ଭେଟି ଦେଇଛନ୍ତି । ବର୍ତ୍ତମାନର ପ୍ରଚଳିତ ସ୍ୱାସ୍ଥ୍ୟକାର୍ଡ ଗରୀବ ଙ୍କ ପାଇଁ ଅମୂଲ୍ୟ ସମ୍ପଦ । ପ୍ରତ୍ୟେକ ପରିବାରକୁ ସେବା ଯୋଗାଇବା ନବୀନ ସରକାରଙ୍କ ଲକ୍ଷ ବୋଲି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି । ଏଥିସହ କାର୍ଡର ଉପକାରିତା ସମ୍ପର୍କରେ ମଧ୍ୟ ବୁଝାଇଥିଲେ । ମଙ୍ଗଳବାର ଗୋଳିହା ପଞ୍ଚାୟତ ପରିସରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବରେ ଯୋଗ ଦେଇ ଏହି ବିଷୟ ପ୍ରକାଶ କରିଛନ୍ତି । ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ତହସିଲଦାର ମହେନ୍ଦ୍ର କୁମାର ବେହେରା,ସରପଞ୍ଚ ପୁଷ୍ପଲତା ଘଡେଇ, ଯୁବନେତା ସମ୍ପଦ ଘଡେଇ, ମହିଳା ମହାସଂଘ ସଭାପତି ରଶ୍ମିତା ମହାପାତ୍ର, ପୁର୍ବତନ ସିଡିପିଓ ନର୍ମଦା ଦେଓ ପ୍ରମୁଖ ଯୋଗ ଦେଇଥିଲେ। ପରେ ୧୦ଜଣ ମହିଳା ହିତାଧିକାରିଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା । ଏହାଛଡା ମନ୍ତ୍ରୀ ଖଇରା ବ୍ଲକର ପଳସା, ଡୁଙ୍ଗୁରା, ଅମରିଆ-ଅଗ୍ନିପୁର ପଞ୍ଚାୟତରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।

বালেশ্বর, বুধবার, ০১ ডিসেম্বর, ২০২১

ଧ୍ୱନି ପ୍ରତିଧ୍ୱନି



# ମହିଳାଙ୍କ ଉପରେ ବଢୁଥିବା ହିଂସା ସଭ୍ୟ ସମାଜ ପ୍ରତି କଳଙ୍କ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଆଜିର ମହିଳା ସବୁ କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହୋଇଥିବା ବେଳେ ଅପରପକ୍ଷରେ ବଢୁଥିବା ମହିଳା ହିଂସା ସଭ୍ୟ ସମାଜ ପାଇଁ ସତର୍କଘଂଟି ବୋଲି ରାଜ୍ୟ ମହିଳା ଆୟୋଗର ସଭ୍ୟା ସ୍ନେହାଞ୍ଜଳି ମହାନ୍ତି ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ଲୁଥେରାନ ବିଶ୍ୱ ସେବା ସଂସ୍ଥା ଭାରତ ପକ୍ଷରୁ ୧୬ଦିନ ବ୍ୟାପି ଚାଲିଥିବା ମହିଳା ହିଂସା ବିରୋଧି ଅଭିଯାନର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ। ସମ୍ମାନିତ ଅତିଥି ରୂପେ ଜାତୀୟ ମାନବାଧିକାର କମିଶନ, ନୂଆଦିଲ୍ଲୀର କୋର୍ ସଦସ୍ୟ ମନୋଜ ଜେନା ଯୋଗଦେଇ ମହିଳା ସୁରକ୍ଷା କର୍ମୀମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ନିଜର ଦକ୍ଷତା ବୃଦ୍ଧି କରିବା ସହ ମହିଳା ଅଧିକାର ସମ୍ପର୍କିତ ବିଭିନ୍ନ ଆଇନକାନୁନ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ଜ୍ଞାନ ହାସଲ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ୧୮୧ ମହିଳା ସହାୟତା କେନ୍ଦ୍ରର ରାଜ୍ୟ ସଂଯୋଜିକା ପ୍ରଜ୍ଞା ପାରମିତା ବସ୍ତିଆ, ସଖି ସେଂଟରର ସଂଯୋଜିକା ସୋମା ପାଇକରାୟ, ହ୍ୟୁମାନ ରାଇଟ୍ସ ଫ୍ରନଟ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଲିଙ୍ଗଗତ ପ୍ରଭେଦ ଓ ନିରାକରଣ ଉପରେ ତାଲିମ ପ୍ରଦାନ କରିବା ସହ ବିଭିନ୍ନ ଆଇନ ଓ ଅଭିଯୋଗ ଲାଘବ କେନ୍ଦ୍ରର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ମହିଳା ସାମାଜିକ କର୍ମୀ ଉଷାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୁଥେରାନ ବିଶ୍ୱ ସେବା ସଂସ୍ଥା ଭାରତ, ଭୁବନେଶ୍ୱର ପ୍ରକଳ୍ପ ସଂଯୋଜିକା ପୀୟୁଷ ଦାସ ସ୍ୱାଗତ ଭାଷଣ ଦେବା ସହ ୧୬ଦିନ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ରଖିଥିଲେ। ସହ ସଂଯୋଜିକା ଗୀତାଞ୍ଜଳି ମହାନ୍ତି ସଭା ପରିଚାଳନା କରିଥିଲେ। ମହିଳା ହିଂସା ବିରୋଧୀ ମହିଳା ସଂଗଠନର ଅଧ୍ୟକ୍ଷା କୁନିଲତା ମହାରଣା ଓ ସମ୍ପାଦିକା ମଞ୍ଜୁଲତା କର ସଂଗଠନ ସଫଳ ପଦକ୍ଷେପ ନେଇଥିବା ବିଭିନ୍ନ କେସ୍ ଓ ଘଟଣା ବିଷୟରେ କହିଥିଲେ।

# ଗୋ ସେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ଦାବି

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଭୁବନେଶ୍ୱରରେ ଗୋ ସେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବାକୁ ଇଂଟରନାସନାଲ ହ୍ୟୁମାନ ରାଇଟ୍ସ କମିଶନ ଦାବି କରିଛି। ଏ ନେଇ ସବ- ଡିଭିଜନାଲ ଭେଟେନାରୀ ଅଫିସର ଓ ବିଏମସି ଡେ଼ପୁଟି କମିଶନର ରମେଶ ଜେନାଙ୍କୁ ଭେଟିଛନ୍ତି କମିଶନର ଓଡିଶା ମୁଖ୍ୟ ଡ଼ ଶିବ ସୁନ୍ଦର ସ୍ୱାଇଁ,ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଶଶାଙ୍କ ଶେଖର ପଣ୍ଡା। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ଏବଂ ଖୁବ୍ ଶୀଘ୍ର ୨୪ ଘଂଟିଆ ସେବା ଯୋଗାଇ ଦିଆଯିବ ବୋଲି ଡେପୁଟି କମିଶନର ପ୍ରତିଶ୍ରୁତି ଦେଇଥିବା ଶ୍ରୀ ସ୍ୱାଇଁ ଜଣାଇଛନ୍ତି।

# ବାଲିଆ ବୋଇତ ବନ୍ଦାଣ କମିଟି ପକ୍ଷରୁ ମୀନାବଜାର ଉଦ୍‌ଘାଟିତ



ବାଲେଶ୍ୱର,୩୦/୧୧ (ନି.ପ୍ର): ବାଲିଆ ବୋଇତ ବନ୍ଦାଣ କମିଟି ପକ୍ଷରୁ ୧୫ ଦିନିଆ ଉତ୍କଳ ମୀନାବଜାର ସ୍ଥାନୀୟ କୁକୁଡ଼ାପଦାଠାରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଇଂ ଶିଶିର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମୀନା ବଜାରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ବୋଇତ ବନ୍ଦାଣ କମିଟିର ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଏହି ମୀନାବଜାର ଭଳି ପାରମ୍ପାରିକ ମେଳା ଛୋଟ ଛୋଟ ପିଲାଙ୍କ ପାଇଁ ଏକାନ୍ତ ଆବଶ୍ୟକ ଥିବା ବେଳେ କରୋନା ତୃତୀୟ ଲହର ପ୍ରତି ସତର୍କତା ମଧ୍ୟ ନିହାତି ଦରକାର ବୋଲି ସେ ମତ ଦେଇଥିଲେ। ବୋଇତ ବନ୍ଦାଣ କମିଟି ସଭାପତି ପ୍ରଦୀପ ଦାସ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜିଲା ରକ୍ତଦାତା ସଂଘ ସଭାପତି କମଲ ଚକବର୍ତ୍ତୀ, ମୀନାବଜାର ପ୍ରତିଷ୍ଠାତା ପ୍ରଭାତ କୁମାର ଦାସ, କମିଟି ସମ୍ପାଦକ ଦେବବ୍ରତ ନାୟକ, ଉପ-ସଭାପତି କ୍ରଷ୍ଣା ସାହା, ତପନ କୁମାର ଦାସ, ମଙ୍ଗଳା ଦାସ ପ୍ରମୁଖ ଏଥିରେ ଯୋଗଦେଇ ମୀନାବଜାର ମେଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦୀର୍ଘଦିନ ପରେ କରୋନା ସଂକ୍ରମଣ ହ୍ରାସ ପାଇଥିବା ବେଳେ ଛୋଟ ଛୋଟ ପିଲାଙ୍କ ମନୋରଂଜନ ପାଇଁ ଏହା ଏକ ସୁଯୋଗ ବୋଲି ସେମାନେ କହିଥିଲେ। ତେବେ ତୃତୀୟ ଲହର କରୋନାକୁ ଗୁରୁତ୍ୱ ଦେଇ ସମସ୍ତେ ସାମାଜିକ ଦୂରତା ବଜାୟ ରଖିବା ଓ ମୁହଁରେ ତୁଣ୍ଡି ବାନ୍ଧିବା ଉଚିତ ବୋଲି କାର୍ଯ୍ୟକର୍ତ୍ତା ଓ ଅତିଥିମାନେ ମତ ଦେଇଥିଲେ। ଆସନ୍ତା ୧୪ ତାରଖ ପର୍ଯ୍ୟନ୍ତ ଏହି ମୀନାବଜାର ମେଳା ଚାଲିବ। ପିଲାଙ୍କ ମନୋରଂଜନ ପାଇଁ ବିଭିନ୍ନ ପ୍ରକାର ଦୋଳି, ଝୁଲଣ ସମେତ ମୋଟ ୫୫ଟି ଷ୍ଟଲ ଏଥିରେ ସ୍ଥାପନ କରାଯାଇଛି।

# ପୁରୀ ଜିଲ୍ଲା ସ୍ୱାସ୍ଥ୍ୟସମିତି ବୈଠକ

ପୁରୀ,୩୦/୧୧ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଅଧିକ ଲୋକାଭିମୁଖି କରିବା ଲାଗି ସଦର ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଅନୁଷ୍ଠିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପରିଷଦ ସଭାପତି ଜ୍ୟୋର୍ତିମୟ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟମିଶନ ଜରିଆରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟଭିତ୍ତିଭୂମୀ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ କୋଭିଡ଼ ଟିକାକରଣକୁ ଅଧିକ କ୍ରିୟାଶୀଳ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ଏତଦ୍‌ବ୍ୟତୀତ ବୈଠକରେ ଜିଲ୍ଲାରେ ଖାଲି ପଡିଥିବା ଡ଼ାକ୍ତର ପଦବୀ ପୁରଣ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡ଼ାକ୍ତର ନିଯୁକ୍ତି ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ, ସଂସଦଙ୍କ ପ୍ରତିନିଧି ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଓଲଟିଲା ଚୋରା ପାହାଡ ମାଟି ବୋଝେଇ ଡମ୍ପର

## ସକାଳେ ଜବତ କଲେ ତହସିଲଦାର ଓ ଆଇଆଇସି



ଖଇରା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡର ବଗେଇପୁର ଅଞ୍ଚଳରୁ ଚୋରାରେ ପାହାଡମାଟି ନେଇ ଯାଉଥିବା ଏକ ଡମ୍ପର (ଓଆର୦୯ଏଲ୧୩୪୭) ସାନନ୍ଦା ସ୍କୁଲ ନିକଟରେ ଓଲଟି ପଡିଥିଲା। ସକାଳେ ଖବର ପାଇ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ଗାଡିକୁ ଉଠାଇ ଜବତ କରି ଖଇରା ଥାନାକୁ ଆଣିଛନ୍ତି। ପ୍ରତ୍ୟେକ ରାତିରେ ଶହ ଶହ ଟ୍ରିପ ମାଟି ଚୋରା ଚାଲଣ ହେଉଥିବା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ଅଧିକାରୀ ମାନେ ଅସ୍ୱିକାର କରି ଆସୁଥିଲେ। କିଛି ଅଧିକାରୀ ମାନଙ୍କ ପ୍ରତ୍ୟକ୍ଷ ପରୋକ୍ଷ ସହଯୋଗରେ ଏହି କାର୍ଯ୍ୟ ଚାଲୁଥିବା ନେଇ ପହାଡି ତଳି ଅଞ୍ଚଳରେ ରହୁଥିବା ବଗେଇପୁର, ଗଗୁଆ, ଗାଭର,କଦଳିଗଡିଆ,କୁଟରୀପାଳ ଗ୍ରାମର ବାସିନ୍ଦା ମାନେ ଅଭିଯୋଗ କରି ଆସୁଥିଲେ। ମଙ୍ଗଳବାରର ଏଭଳି ଗାଡି ଓଲଟିବା ଘଟଣା ବଡ ଧରଣର ଚୋରା ଚାଲାଣ ର୍ୟାକେଟକୁ ପ୍ରମାଣିତ କରୁଛି। ଏ ସମ୍ପର୍କରେ ତହସିଲଦାର ଶ୍ରୀ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ ଗାଡିକୁ ଜବତ କରି ଖଇରା ଥାନାକୁ ହସ୍ତାନ୍ତର କରିଛନ୍ତି। ଜୋରିମାନା ଆଦାୟ କରାଯିବା ବୋଲି କହିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପୁରୀ,୩୦/୧୧ (ନି.ପ୍ର): ସମୁଦ୍ର କୂଳରେ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ଉଠାଦୋକାନୀମାନଙ୍କ ଉଚ୍ଛେଦ ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।ସରକାର ସେମାନଙ୍କ ଦାବି ନଶୁଣିଲେ ଆସନ୍ତା ନିସେମ୍ବର ୨୫ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୂଳ ମୁଖ୍ୟରାସ୍ତାକୁ ଅବରୋଧ କରାଯିବ ବୋଲ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ସମୁଦ୍ର ବେଳାଭୂମୀରେ ଥିବା ବିଭିନ୍ନ ବ୍ୟବସାୟୀ ସଂଗଠନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ 'ସମୁଦ୍ର କୂଳକୁ ବିକ୍ରି କରିବା ଚଳିବ ନାହିଁ','କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରିବା ଆମର ଦାବି', 'ଗରିବ ପେଟକୁ ଲାତ ମାରିବା ଚଳିବ ନାହିଁ', 'ଅଗେ ଥଇଥାନ ପରେ ଉଚ୍ଛେଦ'ଆଦି ବିଭିନ୍ନ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ସରକାର ସେମାନଙ୍କ ଦାବି ନଶୁଣିଲେ ଆସନ୍ତା ଡ଼ିସେମ୍ବର ୨୫ରୁ ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୂଳ ମୁଖ୍ୟରାସ୍ତାକୁ ଅବରୋଧ କରାଯିବ ବୋଲି ବିକ୍ଷୋଭର ନେତୃତ୍ୱ ନେଉଥିବା ସଚେତନ ନାଗରିକ ମଞ୍ଚର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

# ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ବିକ୍ଷୋଭ

## ଉଚ୍ଛେଦ ଆଳରେ ଜୁଲମ ବନ୍ଦ ଓ ଥଇଥାନ ଦାବି




ବାଲେଶ୍ୱର,୩୦/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡ଼ିଶା ପଥ ବିକ୍ରତା ସଂଘ ଜିଲା ଶାଖା ପକ୍ଷରୁ ବାଲେଶ୍ୱର ପୌରପାଳିକା ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ସହରର ଉଠା ଦୋକାନୀ ଓ ରାସ୍ତାପାର୍ଶ୍ୱ ପଥ ବିକ୍ରେତାମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ବାହାରି ସହର ପରିକ୍ରମା ସହ ମ୍ୟୁନିସିପାଲଟି ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ନ୍ୟାସନାଲ ହକର ଫେଡ଼େରେସନର ଅତିରିକ୍ତ ସାଧାରଣ ସମ୍ପାଦକ ତଥା ପଥ ବିକ୍ରେତା ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗଦେଇ ସହରାଞ୍ଚଳ ପଥ ବିକ୍ରେତାମାନଙ୍କ ଉପରେ ପୌର ପ୍ରଶାସନ ପକ୍ଷରୁ ହେଉଥିବା ଜୁଲମର ତୀବ୍ର ସମାଲୋଚନା କରିଥିଲେ। ପୁରାତନ ବାଲେଶ୍ୱର ସହରର ୯୦ ପ୍ରତିଶତରୁ ଅଧିକ ଲୋକେ ପଥ ବିକ୍ରେତାଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ପୌର କର୍ତ୍ତୃପକ୍ଷ ବିନା କାରଣରେ ସେମାନଙ୍କୁ ବାରମ୍ବାର ଉଚ୍ଛେଦ କରିବା କେଉଁ ନ୍ୟାୟରେ ବୋଲି ସେ ପ୍ରଶ୍ନ କରିଥିଲେ। ସାମ୍ପ୍ରତିକ ଦେଶର ଉଦାର ଅର୍ଥନୀତି ତଥା କରୋନା ପ୍ରଭାବରେ ସାଧାରଣ ଲୋକଙ୍କ ଜୀବନଧାରଣ ମାନ ହ୍ରାସ ସାଙ୍ଗକୁ ଲୋକଙ୍କ କ୍ରୟଶକ୍ତି କମିବାରେ ଲାଗିଛି। ଅନ୍ୟପକ୍ଷରେ ଅଧିକାଂଶ ଲୋକେ ପଥପାର୍ଶ୍ୱ ଦୋକାନୀଙ୍କଠାରୁ ଉଚିତ ମୂଲ୍ୟରେ ନିଜ ପରିବାର ପାଇଁ ଆବଶ୍ୟକ ସାମଗ୍ରୀ କିଣ ନେଉଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ମନଇଚ୍ଛା ଉଚ୍ଛେଦ କରିବା ପରିବର୍ତ୍ତେ ଉଚିତ ସ୍ଥାନରେ ଥଇଥାନ କରିବାର ଆବଶ୍ୟକତା ଉପରେ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ୧୯୮୯ ମସିହାଠାରୁ ସହରର ବିଭିନ୍ନ ସ୍ଥାନରେ ପଥ ବିକ୍ରେତାମାନେ ନିର୍ମାଣ କରିଥିବା ସପିଙ୍ଗ ସେଣ୍ଟର ଗୁଡ଼ିକୁ ଟାଉନ ଭେଣ୍ଡିଂ କମିଟି (ଟିଭିସି) ଦ୍ୱାରା ସର୍ଭେ କରାଇ ମାସିକ ବା ବାର୍ଷିକ ଭଡ଼ା ଧାର୍ଯ୍ୟ କରିବା, ୱାର୍ଡ଼ୱାରୀ ଭେଣ୍ଡିଂ ଜୋନ ଓ ପାର୍କିଂ ବ୍ୟବସ୍ଥା କରିବା, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ସମସ୍ତ ଆବେଦନକାରୀଙ୍କୁ ସହାୟତା ଅନୁମୋଦନ କରିବା, ସହରର କୌଣସି ସ୍ଥାନରେ ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ଉଚ୍ଛେଦ ପୂର୍ବରୁ ଟିଭିସି ବୈଠକରେ ଅନୁମୋଦନ ପାଇଁ ଶ୍ରୀ ଦାସ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପଥ ବକ୍ରେତା ସଂଘର ଉପ-ସଭାପତି ଆବିଦ ଖାନ, ସମ୍ପାଦକ ମୋହିନୀ ମୋହନ ପରିଡ଼ା, ଟିଭିସି ସଦସ୍ୟ ଟିପିରି ସିଂ ଓ ରାମଚନ୍ଦ୍ର ପରିଡ଼ା, ମନୋଜ କୁମାର ରାଠୋର, ଶେଖ ଆଦିଲ ଅଲି, ଦୀନବନ୍ଧୁ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ପବନ କୁମାର ପଟ୍ଟନାୟକ, ସୁଧାଂଶୁ ସାହା, ଦିବାକର ଜେନା ପ୍ରମୁଖ ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ପଥବିକ୍ରେତା ଓ ଉଠାଦୋକାନୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ନତୁବା ଅଗାମୀ ଦିନରେ ସଂଘ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅଞ୍ଚଳର ଉଠା ଦୋକାନୀମାନେ ଯୋଗ ଦେଇଥିଲେ।

# ଏଲ୍ ଆଣ୍ଡ କେ ସର୍ଭିସେସ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଅନ୍ୟର ମୁହଁରେ ହସ ଫୁଟେଇବାରେ ଅଛି ଜୀବନର ସାର୍ଥକତା। ଏହା ସାଧନାର ଶୀର୍ଷ ଫଳ। ପ୍ରେମ ଓ କରୁଣା ମାଧ୍ୟମରେ ଏହା ସମ୍ଭବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ଏଲ୍ ଆଣ୍ଡ କେ ସର୍ଭିସେସ୍ ର ଦ୍ୱାବିଂଶ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ଜଣଙ୍କ ମନରେ ଆନନ୍ଦ ଦେବାରେ ଯେଉଁ ବିଶେଷତା ରହିଛି ତାହାର କୌଣସି ବିକଳ୍ପ ନାହିଁ। ସମସ୍ତଙ୍କୁ ସ୍ୱୀକାର କରିବା, ସମ୍ମାନ କରିବା ଓ ଭଲ ପାଇବା ହେଉଛି ଭାରତୀୟ ପରମ୍ପରା ଏବଂ ଏହାକୁ ଜୀବନରେ ଆପଣେଇବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଏଲ୍ ଆଣ୍ଡ କେ ସର୍ଭିସେସ୍ ର ପ୍ରତାପ କୁମାର ପଲାଇ ଓ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ବିରୋଧିଙ୍କ ଅଭିଯୋଗ ଭିତ୍ତିହୀନ : ପୀୟୁଷ ଗୋୟଲ

## ବିରୋଧୀ ସଦସ୍ୟଙ୍କ ନିଲମ୍ବନ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ

ନୂଆଦିଲ୍ଲୀ, ୩୦/୧୧ (ନି.ପ୍ର): ରାଜ୍ୟସଭାରେ ଗୃହର ନେତା ପୀୟୁଷ ଗୋୟଲ ମଙ୍ଗଳବାର ଦିନ ବାଚସ୍ପତିଙ୍କ ବିରୋଧରେ ବିରୋଧିଙ୍କ ଅଭିଯୋଗକୁ ନିନ୍ଦା କରିଛନ୍ତି। ୧୨ ଜଣ ବିରୋଧି ଦଳର ସଦସ୍ୟଙ୍କୁ ନିଲମ୍ବନ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି। କିନ୍ତୁ ଗୃହର ବାଚସ୍ପତିଙ୍କ ବିରୋଧରେ ବିରୋଧିଦଳର ଅଭିଯୋଗ ଭିତିହୀନ। ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟାହ୍ନ ଭୋଜନ ବିରତି ପରେ ଡେପୁଟି ଚେୟାରମ୍ୟାନ୍ ହରିବଂଶ ଗୃହର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ସମୟରେ ଗୃହର ନେତା ଗୋୟଲ କହିଛନ୍ତି ଯେ, ବିରୋଧି ଦଳର ୧୨ ଜଣଙ୍କୁ ନିଲମ୍ବନ କରିବାର ନିଷ୍ପତି ଗୃହରେ ରହିଛି। ଏହି ପରିପ୍ରେକ୍ଷୀରେ ବିରୋଧିଦଳଙ୍କ ଦ୍ୱାରା ବାଚସ୍ପତିଙ୍କ ବିରୋଧରେ ଭିତିହୀନ ଅଭିଯୋଗ କରାଯାଇଛି, ଏହା ଠିକ୍ ନୁହେଁ। ସେ କହିଛନ୍ତିଯେ, ସରକାର ବିରୋଧି ଦଳର ସମର୍ଥନ ଚାହୁଁଛନ୍ତି, କିନ୍ତୁ ଏଥିପାଇଁ ନିଲମ୍ବିତ ସଦସ୍ୟଙ୍କୁ କ୍ଷମା ମାଗିବାକୁ ପଡ଼ିବ ଏବଂ ଗୃହର ଶାନ୍ତିପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବାକୁ ପଡ଼ିବ। ନିଲମ୍ବିତ ସଦସ୍ୟଙ୍କ ପ୍ରସଙ୍ଗରେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

# କିସ୍ତୱାଡ଼ରୁ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ

କିସ୍ତୱାଡ଼, ୩୦/୧୧ (ନି.ପ୍ର): କିସ୍ତୱାଡ଼ ଜିଲ୍ଲାର ଭଂଡ଼ାରକୁଟରେ ସୁରକ୍ଷାବଳ ମାନେ ଏକ ଗାଡ଼ିରୁ ବହୁତ ପରିମାଣରୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଗାଡ଼ି ଚାଳକକୁ ପଚରା ଉଚୁରା ଜାରି ରହିଛି। ଗାଡ଼ିକୁ ପୋଲିସ ଜବତ କରିଛି। ଗୁପ୍ତ ସୂତ୍ରରୁ ପୋଲିସ ସୂଚନା ପାଇଥିଲା ଯେ, ଏକ ଗାଡ଼ିରେ ବିସ୍ଫୋରକ ସାମଗ୍ରୀ ପଠାଯାଉଛି। ସୂଚନା ଆଧାରରେ ପୋଲିସ ଏବଂ ସେନା କର୍ମଚାରୀଙ୍କ ମିଳିତ ଦଳ ଭଣ୍ଡାରକୋଟରେ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଯାଉଥିବା ଯାନ ଗୁଡ଼ିକ ଯାଂଚ କରାଯାଉଥିଲା। ସୁରକ୍ଷାବାହୀନି ଖୋଜାଖୋଜି ପାଇଁ ଗାଡ଼ି ଅଟକାଇଥିଲା। ଏହି ଗାଡ଼ି କିସ୍ତୱାଡ଼ରୁ ପତିମହଲା ଯାଉଥିଲା। ଗାଡ଼ି ଭିତରୁ ଏକ ବ୍ୟାଗରେ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ସାତଟି ଡିଟୋନେଟର ବ୍ୟତୀତ ଏଥିରେ ଅନ୍ୟ କିଛି ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଥିଲା।

# 'ଆମ ଅଗଣାର ଫୁଲ ପରିବାର' ପକ୍ଷରୁ ବନ୍ଧୁ ମିଳନ

ପୁରୀ,୩୦/୧୧ (ନି.ପ୍ର): ଆମ ଅଗଣାର ଫୁଲ ପରିବାରର ପ୍ରଥମ ସାମ୍ୱତ୍ସରିକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀରାମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚପଳା ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବସନ୍ତ ମଞ୍ଜରୀ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ଧନେଶ୍ୱର ଦାଶ,ପ୍ରତାପ କିଶୋର ରାଉତ, ସୁନିତା ପାତ୍ର,ନୀରୁପମା ଦେବୀ, ଜୟଶ୍ରୀ ଦାସ, ସୁନୀତା ପାଣିଗ୍ରାହୀ, ଈଶାନ ମହାନ୍ତି, ସୁଶ୍ରୀ ଐଶ୍ୱର୍ଯ୍ୟା ଆରାଧାନା,ଦ୍ୱାରିକା ନାଥ ଦାଶ,ବିନୋଦିନୀ ସାମଲ, ରଘୁନାଥ ମିଶ୍ର, ନିମାଇଁ ସାହାଣୀ ଓ ସୁଧାଂଶୁ ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷର ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଦୀପ ପ୍ରଜ୍ୱୋଳନ ପରେ ଧନେଶ୍ୱରଦାଶଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଶରତ ବେହେରା ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ବସନ୍ତ ମଞ୍ଜରୀ ଦାସ ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାର ଉଦ୍ଦେଶ୍ୟ, ପରସ୍ପର ମଧ୍ୟରେ ରହିଥିବା ସହଯୋଗ ମନୋଭାବ ଓ ଭଲପାଇବାର ବିଭିନ୍ନ ହୃଦୟ ସ୍ପର୍ଶୀ ଅନୁଭୂତର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଏତଦ୍‌ବ୍ୟତୀତ ପରିଚାଳନା ମଣ୍ଡଳୀ ପକ୍ଷରୁ ପ୍ରତିଷ୍ଠାତା ଶ୍ରୀପରିଡ଼ା, ଗୃପର ସଭାନେତ୍ରୀ ନୀରୁପମା ଦେବୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଜୟଶ୍ରୀ ଦାସ ଓ ସୁଶ୍ରୀଐଶ୍ୱର୍ଯ୍ୟ।

# ମୁଖ୍ୟ ଡାକଘରେ ସ୍ୱଚ୍ଛତା ଅଭିଯାନ ସମୀକ୍ଷା

କେନ୍ଦ୍ରାପଡ଼ା, ୩୦/୧୧ (ନି.ପ୍ର): ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ କେନ୍ଦ୍ରାପଡା ମୁଖ୍ୟ ଡାକଘରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସରକାର ଓ ବେସରକାରୀ ଦପ୍ତର ସମେତ ଜନ ସାଧାରଣ ଚଳ ପ୍ରଚଳ ହେଉଥରବା ସ୍ଥାନ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ଏ ଦିଗରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମ ନିଆଯାଇ ଥିଲା। ମୁଖ୍ୟ ଡାକଘର ପରିସରରେ ଥିବା କାର୍ଯ୍ୟାଳୟର କୋଠରୀ, ଶୌଚାଳୟ, ଜନ ସାଧାରଣଙ୍କ ପ୍ରତୀକ୍ଷାଳୟ ସମେତ ବିଭିନ୍ନ କୋଠରୀ ଗୁଡିକୁ ସଫାସୁତରା ରଖାଯାଇଛି କିନାହିଁ ଏହା ନିରୀକ୍ଷଣ କରିବା ପାଇଁ ଭଦ୍ରକ ଡାକମଣ୍ଡଳ ର ନିରୀକ୍ଷକ ବିଜୟ କୁମାର ମହାନ୍ତି କେନ୍ଦ୍ରାପଡା ଗସ୍ତକରି ମୁଖ୍ୟ ଡାକଘରେ ସ୍ୱଚ୍ଛତା ଅଭିଯାନ ର ସମୀକ୍ଷା କରିଛନ୍ତି।

# ସିଆରପି ଏବଂ ଏମ୍‌ବିକେ ନିଯୁକ୍ତିର ଅନିୟମିତତା ଅଭିଯୋଗ

## ବ୍ଲକ ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା ଜାରି



ବାଲିଆପାଳ, ୩୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଂଚାୟତରେ ମିଶନ ଶକ୍ତି ପକ୍ଷରୁ ସିଆରପି ଏବଂ ଏମବିକେ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗକୁ ନେଇ ଆଜି ଉକ୍ତ ପଂଚାୟତର ବହୁ ମହିଳା ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ମିଳିଥିବା ସୂଚନା ଅନୁସାରେ ଉକ୍ତ ପଂଚାୟତରେ ୧୨ଜଣ ସିଆରପି ଜଣେ ଏମବିକେ ଏବଂ ଜଣେ ବ୍ୟାଙ୍କ ମିତ୍ର ନିଯୁକ୍ତି ପାଇଁ ଗତ ୨୬/୧୧/୨୦୧୯ରେ ଲିଖିତ ଓ ମୌଖିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ଏହି ପରୀକ୍ଷାରେ ଅନିୟମିତତା ହୋଇଥିବା ନେଇ କିଛି ମହିଳା ଅଭିଯୋଗ କରିଥିଲେ। ଯେଉଁମାନେ ନିଯୁକ୍ତି ପାଇଛନ୍ତି ସେମାନନଙ୍କୁ ପରୀକ୍ଷା ପୂର୍ବରୁ ଆଗୁଆ ପ୍ରଶ୍ନପତ୍ର ଯୋଗଇ ଦିଆଯାଇଥିବା ଏହି ମହିଳା ଅଭିଯୋଗ କରିଥିଲେ। ଏସଏଚଜି ମହିଳା ସୁମନପ୍ରଭା ପରିଡା ଏବଂ ଅନ୍ୟମାନଙ୍କ ଲିଖିତ ଅଭିଯୋଗ ଭିତିରେ ଅୟଲେମ ଓ ଡିପିସି ମିଶନ ଶକ୍ତି ବାଲେଶ୍ୱର ଅଭିଯୋଗ ତଦନ୍ତ କରି ଗତ ୧୮/୧/୨୦୨୦ରେ ଚିଠି ନଂ ୬୫୯ରେ ପୁନଃବାର ବିଜ୍ଞପ୍ତି ପ୍ରକାଶ କରି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୩୧ ଜାନୁଆରୀ ସୁଦ୍ଧା ବିଜ୍ଞତି ପ୍ରକାଶ କରି ୨୫ ଫେବୃଆରୀ ୨୦୨୦ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ଉକ୍ତ ତିଥିରେ ବାଲିଆପାଳ ବ୍ଲକ ମିଶନ ଶକ୍ତି ଦାୟିତ୍ୱରେ ଥିବା ବିପିଏମକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଇତି ମଧ ପାଖା ପାଖି ୨ ବର୍ଷ ବିତିଯାଇଥିଲେ ମଧ ନିଯୁକ୍ତିକୁ ବାତିଲ କରାଯାଇ ନଥିବା ଧାରଣାରେ ବସିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଜାମକୁଣ୍ଡା ପଂଚାୟତର ଏସଏଚଜି ମହିଳା ସଂଘର ସଭାପତି ସବିତା ଖଣ୍ଡାଙ୍କୁ ଏ ବିଷୟରେ ପଚାରିବାରୁ ନିଯୁକ୍ତି ପ୍ରକ୍ରିୟା ସଂଠିକ ନିୟମରେ ହୋଇଥିବା ସେ କହିଛନ୍ତି। ବାଲିଆପାଳ ବିଡିଓ ଲଳିତ ସରେଙ୍ଗଙ୍କ ସହ ଯୋଗ ଯୋଗ କରିବାରୁ ସେ କହିଥିଲେ ଯେ ବ୍ୟାଙ୍କ ମିତ୍ରଙ୍କ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ଦାୟର ହୋଇଛି। ଅନ୍ୟ ପଦବୀ ଗୁଡିକପାଇଁ କେଉଁ ପଦବୀରେ ନିଯୁକ୍ତି ଦିଆଯାଇଛି ସେ ସମୟରେ ନଥିବାରୁ ଏ ବିଷୟରେ ସେ ଜାଣିନଥିବା କହିଛନ୍ତି। ତେବେ ଆଜି ଜାମକୁଣ୍ଡା ପଂଚାୟତର ସୁମନପ୍ରଭା ପରିଡାଙ୍କ ନେତୃତ୍ୱରେ ପୁଷ୍ପଲତା ସାହୁ,ସରବତୀ ସାହୁ,ମାମି ମଙ୍ଗରାଜ,ଗୌରୀ ଦଳାଇ,ପାର୍ବତୀ ଦଳାଇ ,କନକ ଦେହୁରୀ ସମତ ୨୦ରୁ ଉର୍ଦ୍ଧ ମହିଳା ସକାଳଠାରୁ ଖରଲେଖା ହେବ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି କହିଛନ୍ତି।ତେବେ ବିଡିଓ ସୋରେଙ୍ଗ ସେମାନଙ୍କୁ ରାତ୍ରୀରେ ଧାରଣା ସ୍ଥଳରେ ନବସିବାକୁ ବୁଝାସୁଝା କରିଥିଲେ ମଧ ମହିଳାମାନେ ରାଜି ହେଉ ନାହାନ୍ତି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo